Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

✦Vol - 22✦ Issue No:183✦30 October 2026 (Friday)✦Rourkela ✦Rs.2.00 ✦Page -1 ✦୨୨ ବର୍ଷ ✦ସଂଖ୍ୟା:୧୮୩✦୩୦ ଅକ୍ଟୋବର ୨୦୨୬ (ଶୁକ୍ରବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

୧୦ ବାଲାଷ୍ଟିକ୍ ମିଶାଇଲ୍ ପରୀକ୍ଷଣ କଲା ନର୍ଥ କୋରିଆ

ଟେନସନ୍‌ରେ ଜାପାନ ଓ ସାଉଥ୍ କୋରିଆ

ନୂଆଦିଲ୍ଲୀ,୨୯/୧୦: ୧୦ ବାଲାଷ୍ଟିକ୍ ମିଶାଇଲ୍ ଦାଗିଲା ନର୍ଥ କୋରିଆ । ଟେନସନ୍ ରେ ଜାପାନ ଓ ସାଉଥ୍ କୋରିଆ । ଗୁରୁବାର ନର୍ଥ କୋରିଆ ତାର ପୂର୍ବ ତଟରୁ ଜାପାନ ସାଗର ଆଡକୁ ୧୦ଟି ବାଲାଷ୍ଟିକ୍ ମିଶାଇଲ୍ ପରୀକ୍ଷଣ କରିଛି । ଫଳରେ ଜାପାନ ଓ ସାଉଥ୍ କୋରିଆ ନିଜ ନିଜ ସୀମାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛନ୍ତି । ଏହି କ୍ଷେପଣାସ୍ତ୍ର ଗୁଡ଼ିକ ସମୁଦ୍ରରେ ଖସିପଡ଼ିଛି । ଜାପାନ କୋଷ୍ଟଗାର୍ଡ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି । ସେପଟେ ସାଉଥ୍ କୋରିଆ ବି ସନ୍ଦିଗ୍ଧ ଗତିବିଧି ଆଶଙ୍କାରେ ସୀମାରେ ସୁରକ୍ଷା ବଢାଇଛି । କାରଣ ଗତ ମାସରେ ସୀମାରେ ମାଇନ୍ସ ବ୍ଲାଷ୍ଟରେ ସାଉଥ୍ କୋରିଆର ସୈନିକ ଆହତ ହେବା ପରେ ଦୁଇ ଦେଶ ମଧ୍ୟରେ ଉତେଜନା ବୃଦ୍ଧି ପାଇଛି । କିଛି ବର୍ଷ ହେବ ନର୍ଥ କୋରିଆ ମିଶାଇଲ୍ କାର୍ଯ୍ୟକ୍ରମ ତୀବ୍ର ଗତିରେ ବୃଦ୍ଧି କରିଛି । ଚଳିତ ବର୍ଷ ଏବେସୁଦ୍ଧା ୧୦ରୁଅଧିକ ଥର ମିଶାଇଲ୍ ଟେଷ୍ଟ କରିସାରିଛି । ରାଜନୈତିକ ବାର୍ତା ଦେବା, ସାମରିକ କ୍ଷମତା ପ୍ରଦର୍ଶନ କରିବା ଏବଂ ବାହ୍ୟ ଚାପର ପ୍ରତିକ୍ରିୟା ଦେବା ପାଇଁ ଏହି ପରୀକ୍ଷଣ କରାଯାଉଛି । ତେବେ ବାଲାଷ୍ଟିକ୍ ମିଶାଇଲ୍ ର ରେଞ୍ଜ୍ ସାଧାରଣତଃ ଏକ ହଜାର କିଲୋମିଟରରୁ କମ୍ । ଏଗୁଡ଼ିକ ଆଂଚଳିକ ଲକ୍ଷ୍ୟସ୍ଥଳକୁ ଟାର୍ଗେଟ୍ କରିବା ପାଇଁ ବିକଶିତ କରାଯାଇଛି । ସେପଟେ ସାଉଥ୍ କୋରିଆ ଆମେରିକା ଏବଂ ଜାପାନ ସହ ଯୋଗାଯୋଗରେ ଅଛି । ଏହାର ଅର୍ଥ ନର୍ଥ କୋରିଆ ବିରୋଧରେ ତ୍ରିପାକ୍ଷିକ ସୁରକ୍ଷା ସହଯୋଗକୁ ଆହୁରି ମଜବୁତ କରାଯାଉଛି । ହେଲେ ଜାପାନ ଜଳସୀମା ନିକଟରେ ଏହି ମିଶାଇଲ୍ ଟେଷ୍ଟ ହେଉଥିବାରୁ ଜାପାନ ଅଧିକ ଟେନସନ୍ ରେ ଅଛି । ଗତ ସେପଟେମ୍ବରରେ ସୀମା ନିକଟରେ ବାରୁଦ ସୁଡ଼ଙ୍ଗ ବିସ୍ଫୋରଣ ଯୋଗୁଁ ଦକ୍ଷିଣ କୋରିଆର ତିନି ଜଣ ସୈନିକ ଆହତ ହୋଇଥିଲେ । ଏହି ଘଟଣା ପାଇଁ ଦକ୍ଷିଣ କୋରିଆ ଉତର କୋରିଆକୁ ଦାୟୀ କରିଥିବା ବେଳେ ପ୍ୟୋଙ୍ଗୟାଙ୍ଗ ଏହି ଅଭିଯୋଗକୁ ଖଣ୍ଡନ କରିଥିଲା ।

୨୪ ଘଣ୍ଟାରେ ଆଉ ଏକ ଲଘୁଚାପ

ଭୁବନେଶ୍ୱର,୨୯/୧୦(ନି/ପ୍ର): ବାତ୍ୟା 'ଅର୍ଣ୍ଣବ' ପ୍ରଭାବ ଓଡ଼ିଶା ଉପରୁ ଯାଇନଥିବା ବେଳେ ପୁଣି ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ସ୍ପଷ୍ଟ କରିଛି । ଆଇଏମ୍‌ଡି ଡିଜି ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଗତକାଲି ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । କିନ୍ତୁ ତାହା ଅବପାତ ହେବ କିମ୍ବା ବାତ୍ୟାର ରୂପ ନେବ, ତା'ର କୌଣସି ପୂର୍ବାନୁମାନ କରାଯାଇନାହିଁ । ପୂର୍ବାନୁମାନ କଲା ପରେ ସମ୍ଭାବ୍ୟ ଲଘୁଚାପ କେଉଁ ଦିଗରେ ଉପକୂଳକୁ ଯିବ ଓ କେତେ ତୀବ୍ରତାରେ ପହଚିଂବ, ତା'ର ବିବରଣୀ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ଅନ୍ୟପଟେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଥାଇଲାଣ୍ଡ ଉପକୂଳ ଅଥବା ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଦକ୍ଷିଣ ଚୀନ୍ ସାଗରରୁ ଥାଇଲାଣ୍ଡ ଉପସାଗର ଦେଇ ଯାଇଥିବା ଏକ ସିଷ୍ଟମର ଖଣ୍ଡ ବିଶେଷ । ଆସନ୍ତାକାଲି ଲଘୁଚାପ ସୃଷ୍ଟି ହେବ । ହେଲେ, ଏହା କେତେଦୂର ଘନୀଭୂତ ହେବ ଏବଂ କେଉଁ ଆଡ଼କୁ ଗତି କରିବ, ବର୍ତମାନ ସ୍ପଷ୍ଟ ଆକଳନ କରାଯାଇପାରୁନାହିଁ । କିନ୍ତୁ ୟୁରୋପିଆନ୍ ମଡେଲ ଇସିଏମ୍‌ଡବ୍ଲ୍ୟୁଏଫ୍ ଆକଳନ ଅନୁଯାୟୀ, ଏହା ଏକ ଘୂର୍ଣ୍ଣିବଳୟ କିମ୍ବା ଲଘୁଚାପ ଅବସ୍ଥାରେ ତାମିଲନାଡୁ ବା ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମୁହାଁଇବ । ଆମେରିକାନ୍ ମଡେଲ ଜିଏଫ୍‌ଏସ୍ ଅନୁସାରେ, ଏହା ଏକ ଛୋଟଧରଣର ସାମୁଦ୍ରିକ ଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି । କିନ୍ତୁ ଶ୍ରୀ ପଶୁପାଳକଙ୍କ କହିବାନୁସାରେ, ଅର୍ଣ୍ଣବ ବାତ୍ୟାର ଘନୀଭୂତ ନେଇ ଉଭୟ ମଡେଲ ଆକଳନ ଠିକ୍ ନଥିଲା । ଅକ୍ଟୋବର ଶେଷ ହୋଇ ନଭେମ୍ବର ଆରମ୍ଭ ହେବାକୁ ଯାଉଛି । ଏହା ହେଉଛି ବାତ୍ୟା ସମୟ । ପୁଣି ଘୂର୍ଣ୍ଣିବଳୟ ଯେଉଁ ସ୍ଥାନରେ ରହିଛି, ବିଗତ ବର୍ଷଗୁଡ଼ିକରେ ସେଠାରେ ଅନେକ ବଡ଼ଧରଣର ବାତ୍ୟା ସୃଷ୍ଟି ହୋଇଥିଲା । ବର୍ତମାନ ପରିସ୍ଥିତିରେ ସମ୍ଭାବ୍ୟ ସିଷ୍ଟମ ଉପରେ ନଜର ରଖାଯାଇଛି । ପାଣିପାଗ ବିଶେଷଜ୍ଞ ଶରତ ଚନ୍ଦ୍ର ସାହୁ କହିଛନ୍ତି, ସମ୍ଭାବ୍ୟ ଲଘୁଚାପ ତାମିଲନାଡୁ କିମ୍ବା ଦକ୍ଷିଣ ଆନ୍ଧ୍ରପ୍ରଦେଶ ମୁହାଁଇବାର ସମ୍ଭାବନା ରହିଛି । ପ୍ରାଥମିକ ଆକଳନ ଅନୁସାରେ ଓଡ଼ିଶା ଉପରେ ଏହାର ପ୍ରଭାବ ପଡ଼ିବାର ସମ୍ଭାବନା ନାହିଁ ।

ବାତ୍ୟା ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୨୯/୧୦(ନି/ପ୍ର): ବାତ୍ୟା ଅର୍ଣ୍ଣବ ପରର ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ । ରାଜୀବ ଭବନରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଛି । ବୈଠକ ପରେ ମୁଖ୍ୟ ଶାସନ ସଚିବ କହିଛନ୍ତି ବନ୍ୟା ସ୍ଥିତି ମୁକାବିଲା ଲାଗି ଉଦ୍ୟମ ଚାଲିଛି । ପାଣି ଘେରରୁ ଘଡଜର, ଓଡ୍ରାଫ ଟିମ୍ ଲୋକଙ୍କୁ ଉଦ୍ଧାର କରିବାରେ ଲାଗିଛନ୍ତି । ଉଦ୍ଧାର କାର୍ଯ୍ୟରେ ସହାୟତା ପାଇଁ କୋଷ୍ଟଗାର୍ଡର ସହାୟତା ଲୋଡା ଯାଇଛି । କୋଷ୍ଟଗାର୍ଡକୁ ହେଲିକପ୍ଟର ମଗାଯାଇଛି । ଗଞ୍ଜାମର କିଛି ସ୍ଥାନରେ ବନ୍ୟା ସ୍ଥିତି ଗମ୍ଭୀର ରହିଛି । ପାଣି ଘେରରେ ଫଶି ରହିଥିବା ଲୋକଙ୍କୁ ଉଦ୍ଧାର କରାଯାଉଛି । ପାଣିରେ ଫସିଥିବା ଲୋକଙ୍କୁ ଏୟାରଲିଫ୍ଟ ପାଇଁ ବ୍ୟବସ୍ଥା ହେଉଛି । ସୂଚନା ଅନୁଯାୟୀ, ଗଞ୍ଜାମରେ ସର୍ବାଧିକ ବର୍ଷା ହୋଇଛି । ଗଞ୍ଜାମରେ ୨୨ଟି ବ୍ଲକର ୨୯୯ ଗାଁର ୪୪ ହଜାର ୫୦୦ ଲୋକ ପ୍ରଭାବିତ ହୋଇଛନ୍ତି । ୨ ହଜାର ଲୋକ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରାୟ ୧୨୦ ଲୋକଙ୍କୁ ଏୟାରଲିଫ୍ଟ କରାଯିବ । କୋଷ୍ଟଗାର୍ଡ ସହ କଥା ହୋଇ ହେଲିକପ୍ଟରରେ ଲୋକଙ୍କୁ ସ୍ଥାନାନ୍ତରିତ କରାଯିବ । ପାଣି ଘେରରେ ଏବେ ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି ।

ଗଞ୍ଜାମର ୪୪ ହଜାର ୫୦୦ ଲୋକ ପ୍ରଭାବିତ

ଶ୍ରୀକାକୁଳମରେ ରେଳ ବ୍ରିଜ୍ ଉପରେ ପାଣି ଚାଲୁଥିବା ଫଳରେ ଟ୍ରେନ୍ ଅଟକିଛି । ରୋଡ୍ ସୁବିଧା ଥିବା ଲୋକଙ୍କୁ ପଠାଇ ବାକି ଲୋକଙ୍କୁ ଷ୍ଟେସନରେ ସବୁ ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ବ୍ରହ୍ମପୁର ଜଉ ଏସବୁ ମନିଟର କରୁଛନ୍ତି । ବର୍ଷା କମିଲେ ସ୍ଥିତି ସୁଧୁରିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।

ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବ ଯୋଗୁଁ ପ୍ରବଳ ପବନ ଓ ଉଚ୍ଚ ସମୁଦ୍ର

ୟୁକ୍ରେନର ରେଳ ଷ୍ଟେସନରେ ରୁଷର ଡ୍ରୋନ୍ ଆକ୍ରମଣ : ୧୩ ଯାତ୍ରୀ ମୃତ, ୧୦ ଗୁରୁତର

କିଭ୍,୨୯/୧୦: ୟୁକ୍ରେନର ଡନିପ୍ରୋ ରେଳ ଷ୍ଟେସନରେ ଗୁରୁବାର ସକାଳେ ରୁଷିଆ ପକ୍ଷରୁ ଏକ ଭୟାବହ ଜେଟ୍-ପାୱାର୍ଡ ଡ୍ରୋନ୍ ଆକ୍ରମଣ କରାଯାଇଛି । ଷ୍ଟେସନର ପ୍ଲାଟଫର୍ମରେ ଛିଡ଼ା ହୋଇଥିବା ଏକ ଯାତ୍ରୀବାହୀ ଟ୍ରେନ୍ ଉପରେ ଏହି ଡ୍ରୋନ୍ ମାଡ଼ ହେବା ଫଳରେ ୧୩ ଜଣ ଯାତ୍ରୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ୟୁକ୍ରେନୀୟ ରେଳବାଇ ପକ୍ଷରୁ ଟେଲିଗ୍ରାମରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଡନିପ୍ରୋରୁ ଜାପୋରଜିଆ ଯିବାକୁ ଥିବା ନଂ ୮୬୬ ନିୟମିତ ଇଲେକ୍ଟ୍ରିକ୍ ଟ୍ରେନଟି ପ୍ଲାଟଫର୍ମରେ ଛିଡ଼ା ହୋଇଥିବା ସମୟରେ ରୁଷର କ୍ଷେପଣାସ୍ତ୍ର ସଦୃଶ ଜେଟ୍ ଡ୍ରୋନ୍ ସିଧାସଳଖ ଆସି ପିଟି ହୋଇଥିଲା । ବିପଦପୂର୍ଣ୍ଣ ସାଇରନ୍ ବାଜିବା ସତ୍ୱେ ଯାତ୍ରୀମାନେ ପ୍ଲାଟଫର୍ମରେ ଉପସ୍ଥିତ ଥିବାରୁ ମୃତାହତଙ୍କ ସଂଖ୍ୟା ବୃଦ୍ଧି ପାଇଛି । ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣକୁ ନେଇ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଗଭୀର କ୍ଷୋଭ ପ୍ରକାଶ କରିବା ସହ ଅନ୍ତର୍ଜାତୀୟ ସମୁଦାୟର ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

ସୋସିଆଲ ମିଡିଆ ''ଏକ୍ସ''ରେ ଲେଖି ଜେଲେନସ୍କି ପ୍ରଶ୍ନ କରିଛନ୍ତି ଯେ, କେତେକ ରୁଷୀୟ ଶକ୍ତି କ୍ଷେତ୍ର ଉପରୁ ପ୍ରତିବନ୍ଧକ ହଟାଯିବା ପରଠାରୁ ରୁଷ ନିଜର ଆକ୍ରମଣକାରୀ ମନୋଭାବ କମାଇବା ପରିବର୍ତେ ନିରୀହ ଜନସାଧାରଣଙ୍କ ଉପରେ ଆହୁରି କେତେ ଆତଙ୍କବାଦୀ ଆକ୍ରମଣ ଚଳାଇବ ଅପରପକ୍ଷରେ, ଡନିପ୍ରୋ ମେୟର ବୋରିସ୍ ଫିଲାଟୋଭ୍ ଏହାକୁ ସହର ପାଇଁ ଏକ ବଡ଼ ଟ୍ରାଜେଡ଼ି ବୋଲି କହିଛନ୍ତି ।

ମୋଦୀଙ୍କୁ ଭାରତ ରତ୍ନ ମିଳୁ : ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଅନୁରୋଧ କଲେ ବିଜେପି ସାଂସଦ

ନୂଆଦିଲ୍ଲୀ,୨୯/୧୦: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ 'ଭାରତ ରତ୍ନ' ମିଳୁ । ସେ ଏଥିପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ । ଏଭଳି ମନ୍ତବ୍ୟ ଦେଇ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ପଞ୍ଜାବର ବିଜେପି ରାଜ୍ୟସଭା ସାଂସଦ ବିକ୍ରମଜିତ ସିଂହ ସାହାଣୀ ଅନୁରୋଧ କରିଛନ୍ତି । ସାହାଣୀ କହିଛନ୍ତି ଯେ, ଯଦିଓ ପୂର୍ବରୁ ଅନେକ ପ୍ରଧାନମନ୍ତ୍ରୀ ଏହି ସମ୍ମାନ ପାଇଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରକୃତରେ ଏଥିପାଇଁ ଅଧିକ ଯୋଗ୍ୟ । ସେ ଭାରତର ପ୍ରତିଛବିକୁ ସମ୍ପୂର୍ଣ୍ଣ ଭାବରେ ପରିବ ର୍ତନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୨୫ ବର୍ଷର ଜନସେବା ଦେଶ ପ୍ରତି ଅସାଧାରଣ ସମର୍ପଣ ଏବଂ ପ୍ରତିବଦ୍ଧତାର ଏକ ଯାତ୍ରା । ଭାରତ ପ୍ରତି ତାଙ୍କର ବିଶ୍ୱସ୍ତତା, ସମର୍ପଣ ଏବଂ ନିଃସ୍ୱାର୍ଥପର ସେବାକୁ ଦୃଷ୍ଟିରେ ରଖି ମୁଁ ବିଶ୍ୱାସ କରେ ଯେ, ସେ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତ ରତ୍ନ ପାଇବାକୁ ଯୋଗ୍ୟ ବୋଲି ସେ କହିଛନ୍ତି । ପଣ୍ଡିତ ଜବାହରଲାଲ ନେହେରୁ ଭାରତ ରତ୍ନ ପାଇବାରେ ହେଉଛନ୍ତି ପ୍ରଥମ ପ୍ରଧାନମନ୍ତ୍ରୀ । ତାଙ୍କୁ ୧୯୫୫ ମସିହାରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ୧୯୬୬ ମସିହାରେ ମରଣୋତର ଭାରତ ରତ୍ନ ପ୍ରଦାନ କରାଯାଇଥିଲା । ନେହେରୁଙ୍କ ପରେ ସେ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଥିଲେ । ଭାରତର ତୃତୀୟ ପ୍ରଧାନମନ୍ତ୍ରୀ ଭାବେ ଇନ୍ଦିରା ଗାନ୍ଧୀ ୧୯୭୧ ମସିହାରେ ଭାରତ ରତ୍ନ ପାଇଥିଲେ । ତାଙ୍କୁ ସମ୍ମାନ ପ୍ରଦାନ କରାଯିବା ସମୟରେ ସେ ଦେଶର ପ୍ରଧାନମନ୍ତ୍ରୀ ପଦରେ ଥିଲେ । ଭାରତ ରତ୍ନ ପାଇଥିବା ପ୍ରଧାନମନ୍ତ୍ରୀଙ୍କ ତାଲିକାରେ ଚତୁର୍ଥ ହେଉଛନ୍ତି ମୋରାରଜୀ ଦେଶାଇ । ତାଙ୍କୁ ୧୯୯୧ ମସିହାରେ ଏହି ସମ୍ମାନ ଦିଆଯାଇଥିଲା । ସେତେବେଳେ ଚନ୍ଦ୍ରଶେଖର ପ୍ରଧାନମନ୍ତ୍ରୀ ଥିଲେ । ରାଜୀବ ଗାନ୍ଧୀଙ୍କୁ ୧୯୯୧ ମସିହାରେ ଭାରତ ରତ୍ନ ପ୍ରଦାନ କରାଯାଇଥିଲା । ଗୁଲଜାରିଲାଲ ନନ୍ଦଙ୍କୁ ୧୯୯୭ ମସିହାରେ ଭାରତ ରତ୍ନ ପ୍ରଦାନ କରାଯାଇଥିଲା । ସେ କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ କାର୍ଯ୍ୟକାଳର ଗୋଟିଏ ବର୍ଷ ପୂରଣ ହେବା ପରେ ୨୦୧୫ ମସିହାରେ ଅଟଳ ବିହାରୀ ବାଜପେୟୀଙ୍କୁ ଭାରତ ରତ୍ନ ପ୍ରଦାନ କରାଯାଇଥିଲା । ଚୌଧୁରୀ ଚରଣ ସିଂହ ୨୦୨୪ ମସିହାରେ ମରଣୋତ୍ତର ଭାବରେ ଏହି ସମ୍ମାନ ପାଇଥିଲେ । ପିଭି ନରସିଂହ ରାଓଙ୍କୁ ୨୦୨୪ ମସିହାରେ ମରଣୋତ୍ତର ଭାରତ ରତ୍ନ ପ୍ରଦାନ କରାଯାଇଥିଲା । ଏପର୍ଯ୍ୟନ୍ତ ଭାରତର ୯ ଜଣ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ପାଇଛନ୍ତି ।

ଆମେରିକାର ପରମାଣୁ ପ୍ରୟୋଗଶାଳାରେ ଅଗ୍ନିକାଣ୍ଡ :

ଜରୁରୀକାଳୀନ ପରିସ୍ଥିତି ଘୋଷଣା

ୱାଶିଂଟନ,୨୯/୧୦: ଆମେରିକାର ଦକ୍ଷିଣ କାରୋଲିନା ରାଜ୍ୟର ଏକ ପ୍ରମୁଖ ପରମାଣୁ କେନ୍ଦ୍ରର ଏକ ପରୀକ୍ଷାଗାରରେ ଅଗ୍ନିକାଣ୍ଡ ଘଟିବା ପରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ଆଇକେନ୍ ସହର ନିକଟସ୍ଥ ସାଭାନା ନଦୀ ସାଇଟ୍(ଏସଆରଏସ) କମ୍ପ୍ଲେକ୍ସରେ ଥିବା ସାଭାନା ନଦୀ ଜାତୀୟ ପରୀକ୍ଷାଗାରରେ ଅଗ୍ନିକାଣ୍ଡ ଘଟିଛି । ଅଧିକାରୀଙ୍କ ଅନୁଯାୟୀ, ତୁରନ୍ତ ଜରୁରୀକାଳୀନ କାର୍ଯ୍ୟ ଆରମ୍ଭ କରାଯାଇଥିଲା ଏବଂ ପ୍ରାୟ ଦୁଇ ଘଣ୍ଟା ପରେ ନିଆଁ ଲିଭାଇ ଦିଆଯାଇଥିଲା । ଅଧିକାରୀମାନେ କହିଛନ୍ତି ଯେ, ପ୍ରଭାବିତ କୋଠା ବାହାରେ ତେଜସ୍କ୍ରିୟ ପଦାର୍ଥ ବ୍ୟାପିବାର କୌଣସି ରିପୋର୍ଟ ନାହିଁ । ସତର୍କତା ସ୍ୱରୂପ, ପରୀକ୍ଷାଗାର ପ୍ରବେଶ ସ୍ଥାନଗୁଡ଼ିକୁ ବନ୍ଦ କରିଦିଆଯାଇଛି ଏବଂ ବାହାରୁ ପ୍ରବେଶ କରୁଥିବା ଯାନବାହାନଗୁଡ଼ିକୁ ବନ୍ଦ କରିଦିଆଯାଇଛି । ପରୀକ୍ଷାଗାର ଚାରିପାଖରେ ରେଳ, ନଦୀ ଏବଂ ବିମାନ ଯାତ୍ରାକୁ ମଧ୍ୟ ପ୍ରତିବନ୍ଧିତ କରାଯାଇଛି । ସ୍ଥାନୀୟ ବାସିନ୍ଦାଙ୍କୁ ରେଡିଓ ଏବଂ ଟେଲିଭିଜନ ଖବର ବିଷୟରେ ଅପଡେଟ୍ ରହିବାକୁ ପରାମର୍ଶ ଦିଆଯାଇଛି । ସାଭାନା ନଦୀ ସ୍ଥଳ ହେଉଛି ଆମେରିକାର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମ ସହିତ ଜଡିତ ଏକ ପ୍ରମୁଖ ପରୀକ୍ଷାଗାର । ଏହା ୭୫ ବର୍ଷରୁ ଅଧିକ ସମୟ ଧରି ଆମେରିକୀୟ ସେନାର ରଣନୈତିକ ସୁରକ୍ଷା ମିଶନକୁ ସମର୍ଥନ କରିଆସୁଛି । ଆମେରିକାର ଶକ୍ତି ବିଭାଗ ଅନୁଯାୟୀ, ଏହି ସୁବିଧା ପରମାଣୁ ସାମଗ୍ରୀ ଏବଂ ରେଡିଓଆକ୍ଟିଭ ଅପଚୟକୁ ପରିଚାଳନା କରିଥାଏ । ନ୍ୟୁକ୍ଲିୟର ସେଂଟରର ୱେବସାଇଟ୍ ଅନୁଯାୟୀ, ଏହାର ପ୍ରାଥମିକତା ହେଉଛି କର୍ମଚାରୀ, ଜନସାଧାରଣ ଏବଂ ପରିବେଶର ସୁରକ୍ଷା ଏବଂ ଦେଶର ସୁରକ୍ଷା ସୁନିଶ୍ଚିତ କରିବା । ଏହି ସେଂଟରଟି ୧୯୫୦ ଦଶକରେ ନିର୍ମିତ ହୋଇଥିଲା । ସେହି ସମୟରେ ଏଠାରେ ୫ଟି ନ୍ୟୁକ୍ଲିୟର ରିଆକ୍ଟର ନିର୍ମାଣ କରାଯାଇଥିଲା । ଏଗୁଡ଼ିକ ନ୍ୟୁକ୍ଲିୟର ଅସ୍ତ୍ରଶସ୍ତ୍ରରେ ବ୍ୟବହୃତ ସାମଗ୍ରୀ ଉତ୍ପାଦନ କରିବା ପାଇଁ ବ୍ୟବହୃତ ହେଉଥିଲା । ମୁଖ୍ୟତଃ ଟ୍ରିଟିୟମ୍ ଏବଂ ପ୍ଲୁଟୋନିୟମ୍-୨୩୯ । ଏଠାରେ ଦୁଇଟି ରାସାୟନିକ ପୃଥକୀକରଣ ପ୍ଲାଂଟ ମଧ୍ୟ ନିର୍ମିତ ହୋଇଥିଲା । ଏହା ସହିତ ଅନ୍ୟାନ୍ୟ ସହାୟକ ସୁବିଧା ମଧ୍ୟ ନିର୍ମାଣ କରାଯାଇଥିଲା ।

୩୧ ଯାଏଁ ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୯/୧୦(ନି/ପ୍ର): ବଙ୍ଗୋପସାଗରରେ ଗୁରୁବାର ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ପୂର୍ବ କେନ୍ଦ୍ରୀୟ ଓ ସନ୍ନିକଟ ଉତର ବଙ୍ଗୋପ ସାଗରରେ ଆଜି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ । ଆଗାମୀ ୨ ଦିନ ମଧ୍ୟରେ ଏହା ପଶ୍ଚିମ-ଉତରପଶ୍ଚିମ ଦିଗକୁ ମୁହାଁ ହୋଇ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଦେଇ ଗତି କରିବ । ଏହାର ପ୍ରଭାବରେ ଆସନ୍ତା ୩୧ ତାରିଖ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ପକ୍ଷରୁ ଏନେଇ ପୂର୍ବାନୁମାନ କରାଯାଇଛି । ଗୁରୁବାର ୪ଟି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏସବୁ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣି ଜାରି କରିଛି ପାଣିପାଗ ବିଭାଗ । ସେହି ଜିଲ୍ଲାଗୁଡ଼ିକ ମଧ୍ୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଆଦି ରହିଛି । ସେହିପରି ପ୍ରବଳ ବର୍ଷା ସମ୍ଭାବନା ଥିବା ୧୧ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣି ଜାରି ହୋଇଛି । ସେସବୁ ଜିଲ୍ଲା ମଧ୍ୟରେ ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ନୂଆପଡ଼ା, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଆଦି ରହିଛି । ଆସନ୍ତା ୩୧ ତାରିଖରେ ପ୍ରବଳ ବର୍ଷା ସମ୍ଭାବନା ଥିବା ଗଞ୍ଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ନୂଆପଡ଼ା, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ୧୧ଟି ଜିଲ୍ଲାକୁ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ୟେଲୋ ୱାର୍ଣ୍ଣି ଜାରି କରିଛି । ଶୁକ୍ରବାର ପାଇଁ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ଜାରି ହୋଇଛି ଅତି ପ୍ରବଳ ବର୍ଷା ସତର୍କତା ନେଇ ଅରେଞ୍ଜ ୱାର୍ଣ୍ଣି ଜାରି କରାଯାଇଛି । ଆସନ୍ତା ୩୦ ଓ ୩୧ ତାରିଖରେ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କ୍ ପାଇଁ ସତର୍କ ସୁଚନା ଜାରି କରାଯାଇଛି ।

ଗଜପତିରେ ରେକର୍ଡ ବର୍ଷା ; ଗଂଜାମ-ଗଜପତିରେ ବର୍ଷା ବିପ୍ଳାତ
ଘରେ ପଶିଲା ପାଣି, ରାଜରାସ୍ତା ଜଳାର୍ଣ୍ଣବ

ଗଂଜାମ-ଗଜପତି,୨୯/୧୦(ନି/ପ୍ର): ମହାବାତ୍ୟାର ତାଣ୍ଡବ ୨୭ ବର୍ଷ ପରେ ମଧ୍ୟ ଓଡ଼ିଶାବାସୀଙ୍କ ମନରୁ ଲିଭି ନାହିଁ । ୧୯୯୯ ଅକ୍ଟୋବର ୨୯ ତାରିଖର ସେହି କଳାଦିନକୁ ଯେଉଁମାନେ ଦେଖିଛନ୍ତି, ଏବେ ବି ଥରି ଉଠନ୍ତି । ଏବେ ପୁଣି ସେହି ଅକ୍ଟୋବର ଶେଷ ସପ୍ତାହକୁ ନେଇ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାବାସୀଙ୍କ ମନରେ ଚିନ୍ତା । ଏହାର କାରଣ ହେଲା ସମ୍ଭାବ୍ୟ ବାତ୍ୟା । ଭାରତୀୟ ପାଣିପାଗ ବିଭାଗ ବିଭାଗର ପୂର୍ବାନୁମାନ ଅନୁସାରେ ଅକ୍ଟୋବର ୨୭ ତାରିଖ ରାତିରେ ବାତ୍ୟା ଅର୍ଣ୍ଣବ ଆନ୍ଧ୍ର ପ୍ରଦେଶର ସ୍ଥଳଭାଗ ଛୁଇଁଥିଲା । କିନ୍ତୁ ଏହା ପୂର୍ବରୁ ଏପର୍ଯ୍ୟନ୍ତ ବର୍ଷାର ତାଣ୍ଡବ ଦେଖିବାକୁ ମିଳୁଛି । ଆନ୍ଧ୍ରପ୍ରଦେଶର ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାରେ ବିପର୍ଯ୍ୟୟ ସ୍ଥିତି ଦେଖିବାକୁ ମିଳୁଛି । ଗଂଜାମ, ଗଜପତି ଏବଂ ମାଲକାନଗିରିରେ ପ୍ରବଳ ବର୍ଷା ହୋଇଛି । ଗୁରୁବାର ପୂର୍ବାହ୍ଣରେ ଗଜପତି ଏବଂ ଗଜାମ ଜିଲ୍ଲାର ଅନେକ ଲୋକଙ୍କର ଘରେ ବର୍ଷା ପାଣି ପ୍ରବେଶ କରିଛି । ସେହିପରି ଭଂଜନଗର ଅଂଚଳରେ ରାଜରାସ୍ତାରେ ପାଣି ଲହଡ଼ି ଭାଙ୍ଗିଲା ଭଳି ଦୃଶ୍ୟ ଦେଖାଯାଉଛି ।

ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255016

Email: utkalsamachar@gmail.com, Mob: 9437086122

ସମୃଦ୍ଧିରୁ ସାଧୁତା" : କେନ୍ଦୁଝର ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ଏକକାଳୀନ ଶପଥ ଗ୍ରହଣ

କେନ୍ଦୁଝର,୨୯/୧୦(ନି/ପ୍ର):କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସଓ୍ୱାନ କନ୍ଫରେନ୍ସ ହଲ୍‌ଠାରେ 'ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୬' ଅବସରରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ଅକ୍ଟୋବର ୨୭, ୨୦୨୬ ରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କେନ୍ଦ୍ରଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ସତର୍କତା ଆୟୋଗ ଙ୍କ ଦ୍ୱାରା ପ୍ରସାରିତ ସଚ୍ଚୋଟତା ଶପଥପତ୍ର ପାଠ କରାଇଥିଲେ । ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହିତ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ, ଆରକ୍ଷୀ ଅଧିକ୍ଷକ ଶ୍ରୀ ନୀତିନ କୁଶଳକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରିଥିଲେ । ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସିଧାପ୍ରସାରଣ କରାଯାଇଥିବା ବେଳେ ଆଭାସୀ ମାଧ୍ୟମରେ ଜିଲ୍ଲା କଲେକ୍ଟରେଟ୍ ସମେତ ସମସ୍ତ ବ୍ଲକ୍ କାର୍ଯ୍ୟାଳୟଗୁଡ଼ିକୁ ସଂଯୋଗ କରାଯାଇଥିଲା, ଯାହା ଦ୍ୱାରା ସମସ୍ତ ପ୍ରଶାସନିକ ସ୍ତରର ଅଧିକାରୀ ଓ କର୍ମଚାରୀମାନେ ଏକକାଳୀନ ଏହି ସାଧୁତାର ଶପଥ ଗ୍ରହଣ କରିପାରିଥିଲେ । ଚଳିତ ବର୍ଷ 'ଭିଜିଲାନ୍ସ ସଚେତନତା ସପ୍ତାହ'ର ମୁଖ୍ୟ ବିଷୟବସ୍ତୁ ରହିଛି "ସମୃଦ୍ଧି ରୁ ସାଧୁତା' । ଏହି ବିଷୟବସ୍ତୁ ନୈତିକତା ଏବଂ ସ୍ଥାୟୀ ସମୃଦ୍ଧି ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ଦର୍ଶାଉଛି । ବିଶେଷ କରି ସରକାରୀ ଓ ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମୟରେ ସାଧୁତା, ସଚ୍ଚୋଟତା ଏବଂ ନୈତିକ ଆଚରଣକୁ ବଜାୟ ରଖିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଛି । ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକରେ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ସ୍ୱଚ୍ଛତା ବୃଦ୍ଧି କରିବା, ମଜବୁତ ଉତରଦାୟିତ୍ୱ ପ୍ରତିଷ୍ଠା କରିବା ଏବଂ ଏପରି ଏକ ପରିବେଶ ସୃଷ୍ଟି କରିବା ଯେଉଁଥିରେ ଦୁର୍ନୀତିକୁ ପରବର୍ତୀ ସମୟରେ ସଂଶୋଧନ କରିବା ଅପେକ୍ଷା ପ୍ରାରମ୍ଭରୁ ହିଁ ରୋକାଯାଇପାରିବ ।

ନକ୍ସଲବାଦର ଅନ୍ତ ଓ ଏକତାର ବାର୍ତା ନେଇ ଏକତା ନଗର ଅଭିମୁଖେ କେନ୍ଦୁଝରରର ୪୫ ଜଣିଆ ପ୍ରତିନିଧି ଦଳ

କେନ୍ଦୁଝର,୨୯/୧୦(ନି/ପ୍ର): ଆସନ୍ତା ୩୧ ଅକ୍ଟୋବରରେ ପାଳିତ ହେବାକୁ ଥିବା 'ରାଷ୍ଟ୍ରୀୟ ଏକତା ଦିବସ-୨୦୨୬' ଉତ୍ସବ ନିମନ୍ତେ ଆଜି କେନ୍ଦୁଝର ଅଡିଟୋରିଅମ୍‌ଠାରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ନେହାଶିଷ ସାହୁ ଯୋଗଦେଇ ପ୍ରତିନିଧି ଦଳକୁ ଶୁଭକାମନା ଜଣାଇବା ସହ ଯାତ୍ରାର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସୂଚନା ଅନୁଯାୟୀ, ଚଳିତ ବର୍ଷ ରାଷ୍ଟ୍ରୀୟ ଏକତା ଦିବସର ମୁଖ୍ୟ ବିଷୟବସ୍ତୁ ହେଉଛି 'ନକ୍ସଲବାଦର ଅନ୍ତ'(ନକ୍ସଲ-ମୁକ୍ତ ଭାରତ) ଏବଂ ଦେଶର ସଶସ୍ତ୍ର ବାହିନୀର ବିଜୟ ଗାଥା ପାଳନ କରିବା । ଦୀର୍ଘ ଦଶନ୍ଧି ଧରି ନକ୍ସଲବାଦ ଦେଶ, ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଶାନ୍ତି, ନିରାପତା ଓ ବିକାଶର ପଥରେ ଏକ ବଡ଼ ପ୍ରତିବନ୍ଧକ ହୋଇ ରହିଥିଲା । ଗ୍ରାମାଂଚଳ ଓ ଜଙ୍ଗଲ ଆବୃତ ଅଂଚଳଗୁଡ଼ିକରେ ହିଂସା ଓ ଭୟର ବାତାବରଣ ସୃଷ୍ଟି କରି ଏହା ଆର୍ଥିକ, ସାମାଜିକ ଓ ଭିତିଭୂମି ବିକାଶକୁ ବାଧାପ୍ରାପ୍ତ କରୁଥିଲା । ନକ୍ସଲ ପ୍ରଭାବିତ ଅଂଚଳର ଜନସାଧାରଣ ଏବେ ଶାନ୍ତି, ସ୍ୱାଧୀନତା ଓ ଗୌରବର ସହ ଦେଶର ମୁଖ୍ୟ ବିକାଶ ଧାରାରେ ଅଂଶଗ୍ରହଣ କରିପାରିବେ । କେନ୍ଦୁଝର ଅଡିଟୋରିଅମ୍ରୁ ୨ ଟି ବିଶେଷ ବସ୍ ଯୋଗେ ୪୫ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି । ଆଜି ରାତିରେ ସେମାନେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ରାତ୍ରିଯାପନ କରିବେ । ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜୁରାଟର ଏକତା ନଗର ଅଭିମୁଖେ ଯାତ୍ରା କରିବେ । ଗୁଜୁରାଟର ଏକତା ନଗରଠାରେ ଆୟୋଜିତ ରାଷ୍ଟ୍ରୀୟ ଏକତା ଦିବସର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଜିଲ୍ଲା ପ୍ରଶାସନ, କେନ୍ଦୁଝର ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଯୋଗଦେଉଥିବା ସମସ୍ତ ପ୍ରତିନିଧିଙ୍କୁ ଯାତ୍ରାର ଶୁଭକାମନା ଜଣାଇ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଯାତ୍ରା ମାଧ୍ୟମରେ ଶାନ୍ତି ଓ ଏକତାର ବାର୍ତା ସାରା ଦେଶରେ ପହଂଚିପାରିବ ।

ଜିଲ୍ଲା କଂଗ୍ରେସ ଭୋଟ ବଚାଂଓ ଦେଶ ବଚାଂଓ ନେଇ ସାମ୍ବାଦିକ ସମ୍ମିଳନୀ

କେନ୍ଦୁଝର,୨୯/୧୦(ନି/ପ୍ର): କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟି ତରଫରୁ କଂଗ୍ରେସ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ହୋଇଯାଇଛି, ନିର୍ବାଚନରେ ଏଭିଏମ ମେସିନ ଦ୍ୱାରା ଭୋଟ ଚୋରି ନେଇ ଦେଶର କୋଣ ଅନୁକୋଣ ରେ ପ୍ରତିବାଦ ଆରମ୍ଭ ହୋଇଯାଇଛି, ସର୍ବଦଳୀୟ ଏକତ୍ରିତ ହୋଇ ନିର୍ବାଚନ ଭୋଟ ଚୋରି ବନ୍ଦ କର, ଗଣତନ୍ତ୍ର ଓ ସମ୍ବିଧାନ ସୁରକ୍ଷା କର, ଭୋଟର ତାଲିକା ସ୍ୱଛତା ଆଣନ୍ତୁଯାଉ ନେଇ ସାରା ଭାରତ ବର୍ଷରେ ଏକ ଆନ୍ଦୋଳନ ହୋଇଯାଇଛି, ଯେ ପର୍ଯ୍ୟନ୍ତ ଭୋଟ ଚୋର ନୀତି କୁ ବିଜେପି ସରକାର ପ୍ରତ୍ୟାହାର ନ କରିବ ସେ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ, ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେସ କୁମାର ଇସ୍ତଫା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ସାହା ଓ କେନ୍ଦ୍ର କ୍ୟାବିନେଟ ସଚିବ ଅଜିତ ଡୋଭାଲଙ୍କ ଇସ୍ତଫା ନ ଦେବା ପର୍ଯ୍ୟନ୍ତ କଂଗ୍ରେସ ଦଳ ଆନ୍ଦୋଳନ ଜାରି ରଖିବେ ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ରୋହତୋଷ ବୈଶୟା କହିଛନ୍ତି । ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆଗାମୀ ନଭେମ୍ବର ୧ ତାରିଖରେ ନୂଆଦିଲ୍ଲୀ ଠାରେ ଭୋଟ ବଚାଂଓ ଦେଶ ବଚାଂଓ ପାଇଁ ବିକ୍ଷୋଭ ଓ ପ୍ରତିବାଦ କରାଯିବ ବୋଲି ଶ୍ରୀ ଜେନା କହିଛନ୍ତି । ରାଜ୍ୟ କଂଗ୍ରେସ ସମ୍ପାଦକ ସଂଗ୍ରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମିଳନୀରେ ପିସିସି ସାଧାରଣ ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ଜିଲ୍ଲା କଂଗ୍ରେସ ପଛୁଆବର୍ଗ ସଭାପତି ଯଦୁମଣି ବାରିକ, ପିସିସି ସମ୍ପାଦକ ଦେବାଶିଷ ମହାପାତ୍ର, ସଦର ବ୍ଲକ ସଭାପତି ଉତମ କୁମାର ସାହୁ, ଜିଲ୍ଲା ଉପସଭାପତି ଲଳିତ ମୋହନ ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ସୁଜଳ କୁମାର ସେଠି, କଂଗ୍ରେସ ନେତା ରୂପ ରଞ୍ଜନ ପଣ୍ଡା, ରତ୍ନାକର ଜେନା, ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

ଶିଶୁଙ୍କ ଯୌନ ଶୋଷଣ ରୋକିବାକୁ ସଚେତନତା ଜରୁରୀ

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୁରକ୍ଷିତ ବଚପନ ଅଭିଯାନ'

ଭଦ୍ରକ,୨୯/୧୦(ନି/ପ୍ର): ଶିଶୁଙ୍କ ଯୌନ ଶୋଷଣ ରୋକିବା ସହ ସେମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ 'ସୁରକ୍ଷିତ ବଚପନ ଅଭିଯାନ' ଅନ୍ତର୍ଗତ 'ଯୌନ ଅପରାଧରୁ ଶିଶୁଙ୍କୁ ସୁରକ୍ଷା' ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଚିଙ୍ଗୁଡ଼ିପୁରସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ଆବାହକ ତଥା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ମନୋଜ ଦାସ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଗୁଇନ୍ଦା) ଅଂଶୁମାନ ଦ୍ୱିବେଦୀ, ସାମାଜିକ ଶିଶୁ ଆଇନ ଅଧିକାରୀ ସୁବ୍ରତ ଦାସ ଏବଂ ପ୍ୟାନେଲ ଅଧିବକ୍ତା ନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ଓ ଏ ସମ୍ପର୍କିତ ଆଇନଗତ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ଜେନା ନିଜ ଅଭିଭାଷଣରେ ଶିଶୁଙ୍କ ମୌଳିକ ଅଧିକାର ଏବଂ ଯୌନ ଅପରାଧରୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଣୀତ ଆଇନ ସମ୍ପର୍କରେ ବୁଝାଇଥିଲେ । ପ୍ରାଧିକରଣର ସଚିବ ଶ୍ରୀ ରଥ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ତଥା ଆଇନ ସହ ସଂଘର୍ଷରେ ଥିବା ଶିଶୁଙ୍କ ଅଧିକାର ଓ ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ । ଏଥିସହ ବିପଦରେ ଥିବା ଶିଶୁଙ୍କୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ନିଃଶୁଳ୍କ ହେଲ୍ପଲାଇନ୍ ନମ୍ବରର ବ୍ୟବହାର ସମ୍ପର୍କରେ ସଚେତନ କରାଇଥିଲେ । ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀ ଦାସ ମହାପାତ୍ର ଶିଶୁଙ୍କ ସୁରକ୍ଷା ପାଇଁ ରହିଥିବା ଆଇନଗତ ବ୍ୟବସ୍ଥା ସହ ସେମାନଙ୍କ ମର୍ଯ୍ୟାଦା ଓ ଗୋପନୀୟତା ଅକ୍ଷୁଣ୍ଣ ରଖିବାର ଗୁରୁତ୍ୱ ଉପରେ ମତ ରଖିଥିଲେ । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ଦ୍ୱିବେଦୀ ସାମାଜିକ ଗଣମାଧ୍ୟମର ସୁରକ୍ଷିତ ବ୍ୟବହାର, ସାଇବର ଅପରାଧ ଏବଂ ଅନଲାଇନ୍ ବିପଦରୁ ଶିଶୁଙ୍କୁ ସୁରକ୍ଷା ଦେବା ସମ୍ପର୍କରେ ଆଲୋଚନା କରିଥିଲେ । ସାମାଜିକ ଶିଶୁ ଆଇନ ଅଧିକାରୀ ଶ୍ରୀ ଦାସ ଶିଶୁଙ୍କ ମୌଳିକ ଅଧିକାର, ଶିକ୍ଷା ଓ ସଚେତନତା ସହ ଶିଶୁ ସୁରକ୍ଷା କ୍ଷେତ୍ରରେ ଶିକ୍ଷକ ଓ ପରିବାରର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ୟାନେଲ ଅଧିବକ୍ତା ଶ୍ରୀ ମହାନ୍ତି ଶିଶୁଙ୍କ ସୁରକ୍ଷା ପାଇଁ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କୁ ସଚେତନ ଓ ଦାୟିତ୍ୱବାନ ହେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ଖିଲାରଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶିକ୍ଷକ ଜିତେନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମକର୍ତାଙ୍କ ସହଯୋଗରେ ଏହି ଅଭିଯାନକୁ ଆଗେଇ ନିଆଯାଇଥିଲା ।

ଘଟଗାଁ ବ୍ଲକ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ଭିତିପ୍ରସ୍ତର ସ୍ଥାପନ

ଘଟଗାଁ,୨୯/୧୦(ନି/ପ୍ର):ଘଟଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗର ଆବାସିକ ଓ ଅଣଆବାସିକ ଗୃହ ଅନୁଦାନ ପାଣ୍ଠିରୁ ନିର୍ମାଣ ହେବାକୁ ଥିବା ନୂତନ କାର୍ଯ୍ୟାଳୟର ଭିତିପ୍ରସ୍ତର ସ୍ଥାପନ ପୂଜା ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ଖଗେଶ୍ୱର ବରାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଶ୍ରୀଯୁକ୍ତ ଅନନ୍ତ ନାଏକ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ଶ୍ରୀମତୀ ଗୀତାଞ୍ଜଳି ନାଏକ ଏବଂ ଘଟଗାଁ ଆଇଆଇସି ଶ୍ରୀଯୁକ୍ତ ଶୁଭ୍ରାନ୍ତ କୁମାର ଜେନା ସମ୍ମାନନୀୟ ଅତିଥି ରୂପେ ଯୋଗଦାନ କରିଥିଲେ । ଅଭିଜ୍ଞ କନିଷ୍ଠ ଯନ୍ତ୍ରୀ ଜୟନ୍ତ କୁମାର ଜେନା ପୂଜାକର୍ତା ଭାବେ ଦାୟିତ୍ୱ ତୁଲେଇଥିବା ବେଳେ ଏବିଡ଼ିଓ ଚିତରଞ୍ଜନ ନାୟକ, ସହକାରୀ ଶ୍ରମ ଅଧିକାରୀ ଘନଶ୍ୟାମ ମହାନ୍ତ, କନିଷ୍ଠ ଯନ୍ତ୍ରୀ ସିଙ୍ଗୁ ମୁର୍ମୁ, ଉପବିଭାଗୀୟ ଅଧିକାରୀ ବ୍ରଜକିଶୋର ଜେନା, ବରିଷ୍ଠ ରାଜସ୍ୱ ସହାୟକ ପୀତବାସ ସାହୁ, ଓଡିଶା ଜୀବିକା ମିଶନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଆନୁଷଙ୍ଗିକ ସହାୟତା ପ୍ରଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ଓଡ଼ଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ରକୁ ଦ୍ୱିତୀୟ ବର୍ଷ ଛାତ୍ର ମାଡ ଅଭିଯୋଗ, ଆବାସରେ ଛାତ୍ର ଅଶାନ୍ତି

କେନ୍ଦୁଝର,୨୯/୧୦(ନି/ପ୍ର): ଓଡ଼ଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ, କେନ୍ଦୁଝରର ଛାତ୍ର ଆବାସରେ ଛାତ୍ର ଅଶାନ୍ତିକୁ ନେଇ ଉତେଜନା । ଦ୍ୱିତୀୟ ବର୍ଷର ଛାତ୍ରଙ୍କ ଆକ୍ରମଣରେ ପ୍ରଥମ ବର୍ଷର ଜଣେ ଛାତ୍ର ଆହତ ହୋଇଥିବା ଅଭିଯୋଗ ହୋଇଛି । ଓଡ଼ଶା ଖଣି ଯାନ୍ତ୍ରିକ ବିଦ୍ୟାଳୟର ପ୍ରଥମ ବର୍ଷ ଛାତ୍ର ସୌମ୍ୟ ରଞ୍ଜନ ମହାନ୍ତ ପରୀକ୍ଷା ସମ୍ବନ୍ଧୀୟ ଏକ କାଗଜ ନିଜ ବ୍ୟାଚ ଗ୍ରୁପରେ ଛାଡିଥିଲେ । ଏହାକୁ ନେଇ ନିଜ ବ୍ୟାଚ୍ ର ଅନ୍ୟ ଏକ ଝିଅ କମେଂଟ ଦେଇଥିଲେ । ଏହି ଗ୍ରୁପ୍ ଚାଟ୍ ରେ କଟାକଟି କୁ ନେଇ ଉକ୍ତ ଝିଅ ର ଭାଇ ସୋମ୍ୟଙ୍କୁ ହଷ୍ଟେଲ ବାହାରକୁ ଡାକି ମାଡ ମାରି ଥିବା ଅଭିଯୋଗ ହୋଇଛି । ଏହା ଫଳରେ ସୌମ୍ୟ ମୁଣ୍ଡ ଓ ହାତରେ ଗୁରୁତର ଆହତ ହୋଇଥଲା ବେଳେ ମେଡିକାଲ୍ କଲେଜରେ ଭର୍ତିହୋଇଛନ୍ତି । ଏନେଇ ସୌମ୍ୟଙ୍କ ବାପା ଓଏସଏମ୍‌ଇ ପ୍ରିନ୍ସିପାଲ ଓ ଥାନା ରେ ଏତଲା ଦେଇଛନ୍ତି । ସୌମ୍ୟ ଙ୍କ ଘର୍ ଲୋକେ ନ୍ୟାୟ ଦାବୀ କରିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ପ୍ରକାଶ ଥାଉକି ଗତ ଦୁଇ ତାରିଖ ରେ ଉକ୍ତ ଛାତ୍ରାବାସ ରେ ଦ୍ୱିତୀୟ ବର୍ଷ ଛାତ୍ର ଓ ତୃତୀୟ ବର୍ଷ ଛାତ୍ରଙ୍କ ମଧ୍ୟରେ ମାଡ ମରା ଘଟଣା କୁ ଉତେଜନା ପ୍ରକାଶ ପାଇଥିଲା । ପୋଲିସ ଘଟଣାସ୍ଥଳରେ ପହଂଚି ସ୍ଥିତି ନିୟନ୍ତ୍ରଣ କରିଥିଲା । ଏନେଇ କଲେଜ କର୍ତୃପକ୍ଷ ଙ୍କ ପ୍ରତିକ୍ରିୟା ମିଳପାରିନାହିଁ ।

ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାର ୧୬୯ ଜଣ ତୀର୍ଥ ଯାତ୍ରୀ ବାରଣାସୀ ଅଯୋଧ୍ୟା ତୀର୍ଥରେ ବାହାରିଲେ

ଖୋର୍ଦ୍ଧା,୨୯/୧୦(ନି/ପ୍ର): ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କ ଅଧକ୍ଷତାରେ ଏକ ବର୍ଣ୍ଣାଢ଼୍ୟ ସମାରୋହରେ ଖୋର୍ଦ୍ଧା ଉପଖଣ୍ଡର ୧୨୭ ଜଣ ତୀର୍ଥ ଯାତ୍ରଙ୍କ ବାରଣାସୀ ଅଯୋଧ୍ୟା ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭୁତିରେ କୁଶଳ ମଙ୍ଗଳରେ ଯାତ୍ରା ସଫଳ କରି ପ୍ରତ୍ୟାବର୍ତନ କରନ୍ତୁ ବୋଲି ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ,ଶ୍ରୀ ପ୍ରଧାନ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ଯାତ୍ରାର ଶୁଭାରମ୍ଭ କରିଛନ୍ତି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି କହିଲେ ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଏକ ଅଭିନବ ଯୋଜନା ଅଟେ । ଏହି ଯୋଜନାରେ ବରିଷ୍ଠ ନାଗରିକ ମାନେ ରାଜ୍ୟ ବାହାରକୁ ତୀର୍ଥ ଭ୍ରମଣରେ ଯାଇ ପରିଣତ ବୟସରେ ସେମାନେ ଆଧ୍ୟାତ୍ମିକତାର ଦିବ୍ୟ ଅନୁଭୂତି ପାଇବା ସହ ଭକ୍ତି ଭାବ ଜାଗ୍ରତ ହୋଇ ନିଜ ପରିବାର, ସମାଜ, ଜିଲ୍ଲା, ରାଜ୍ୟ ତଥା ଭାରତ ବର୍ଷର ସୁଖ ସମୃଦ୍ଧି ମହାପ୍ରଭୁଙ୍କ ନିକଟରେ କାମନା କରନ୍ତୁ ବୋଲି ଆହ୍ୱାନ ଦେଇ ସେମାନଙ୍କ ଯାତ୍ରାର ମଙ୍ଗଳ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଯୋଗଦେଇ ସମସ୍ତ ଯାତ୍ରୀ ମାନଙ୍କ ମଙ୍ଗଳ କାମନା କରିଥିଲେ। ଶେଷରେ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁସ୍ମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଅତିଥି, ସଭାପତି ଓ ସମ୍ମାନିତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମଂଚ ସଂଯୋଜନା ସିଆର ସି ସି ଶ୍ରୀକାନ୍ତ ନାୟକ ସମ୍ପାଦିତ କରିଥିଲେ । ସମସ୍ତ ତୀର୍ଥ ଯାତ୍ରୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଛଡା ଯାଇଥିଲା । ପରେ ତୀର୍ଥ ଯାତ୍ରୀ ମାନେ ୪ଟି ବସରେ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା, ବ୍ଲକ୍ ଉନ୍ନୟନ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁସ୍ମିତା ପ୍ରଧାନ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଆସିଷ୍ଟାଂଟ କଲେକ୍ଟର ରିଷଭ୍ ତ୍ରିପାଠୀ ନଡ଼ିଆ ବାଡ଼େଇ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । ଯାତ୍ରୀ ମାନେ ଆଜି ଭୁବନେଶ୍ୱରରେ ରାତ୍ରି ଯାପନ କରି ଆସନ୍ତା କାଲି ଭୁବନେଶ୍ୱର ଉପଖଣ୍ଡର ୪୨ ଜଣ ତୀର୍ଥ ଯାତ୍ରୀଙ୍କୁ ନେଇ ଜିଲ୍ଲାର ୧୬୯ ଜଣ ତୀର୍ଥ ଯାତ୍ରୀ ଷଷ୍ଠ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଟ୍ରେନ୍ ଶୁଭାରମ୍ଭରେ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା ଏବଂ ଢ଼େଙ୍କାନାଳ ଜିଲ୍ଲାର ତୀର୍ଥ ଯାତ୍ରୀମାନଙ୍କ ସହ ସାମିଲ ହୋଇ ଏକ ସ୍ୱତନ୍ତ୍ର ଟ୍ରେନ ରେ ବାରଣାସୀ ଅଯୋଧ୍ୟା ଯାତ୍ରା କରିବେ । ଜିଲ୍ଲାର ୧୬୯ ଜଣ ତୀର୍ଥ ଯାତ୍ରୀ ମାନଙ୍କ ସୁଖଦ ଯିବା ଆସିବା ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱଦେଶ ବିଶ୍ୱାଳଙ୍କ ନେତୃତ୍ୱରେ ନିବାସ ନାୟକ, ଅରବିନ୍ଦ ନାୟକ, ସଂଗ୍ରାମ କେଶରୀ ଦାସ,ପଦ୍ମନାଭ ପ୍ରଧାନ, ଏବଂ ପଦ୍ମନାଭ ମହାପାତ୍ର ଙ୍କୁ ନେଇ ୬ ଜଣ ଏସ୍କର୍ଟ ଅଫିସରଙ୍କୁ ନିଯୁକ୍ତି କରାଯାଇଛି ।

ପିପିଳିଆରେ ୪୯ ତମ ଗଜଲକ୍ଷ୍ମୀ ପୂଜା

କେନ୍ଦୁଝର,୨୯/୧୦(ନି/ପ୍ର):ଘଟଗାଁ ବ୍ଲକ ପିପିଳିଆ ଗ୍ରାମରେ ମା' ଗଜଲକ୍ଷ୍ମୀ ପୂଜା ମହା ଆଡମ୍ବର ସହ ପାଳିତ ହେଉଛି । କମିଟି ପକ୍ଷରୁ ୪୯ ତମ ଗଜଲକ୍ଷୀ ପୂଜା ଯଥାବିଧି ଅନୁଷ୍ଠିତ ହୋଇଯାଇଛି । ଗାଁ ରାଜବନ୍ଧ ପୋଖରୀରୁ କଳସ ଯାତ୍ରା କରାଯାଇ ଘଟ ସ୍ଥାପନ କରାଯାଇଥିଲା । ପୂଜାରେ କର୍ତା ଭାବେ ରାମଚନ୍ଦ୍ର ଦଣ୍ଡପାଟ ଓ ଭଜହରି ନାୟକଙ୍କ ସହ ପୂଜକ ଜଗବନ୍ଧୁ ଦାଶ ପୂଜା ସମ୍ଭାଳିଛନ୍ତି । ପୂଜା ଅବସରରେ କମିଟି ପକ୍ଷରୁ ଦୁଇ ଦିନ ନାଟକ ପରିବେଶଣ ହେବାକୁ ଥିବା ବେଳେ ପ୍ରଥମ ରାତିରେ ପାରିବାରିକ କାହାଣୀ ଉପରେ ନାଟକ କେତେ ଦୁଃଖ ଦେବୁ କହ ଦଇବ ଏବଂ ୨ୟ ରାତିରେ ନାଟକ ଏଠି ତୋର ଦୋଷ ନା ମୋର ଦୋଷ ମଂଚସ୍ଥ କରାଯିବ ।

'ଭୋଟ ବଚାଂଅ ଦେଶ ବଚାଂଅ' ଆନ୍ଦୋଳନରେ ଅନୁଗୋଳ ଜିଲ୍ଲା କଂଗ୍ରେସ

ଅନୁଗୋଳ ଜିଲ୍ଲା କଂଗ୍ରେସର ସାମ୍ବାଦିକ ଓ କର୍ମୀ ସମ୍ମିଳନୀ

ଅନୁଗୋଳ,୨୯/୧୦(ନି/ପ୍ର): ଭାରତର ଗଣତନ୍ତ୍ରକୁ ବିପଦରେ ପକାଇଥିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସାରାରେ ବିଜେପି ଦଳର କାର୍ଯ୍ୟ କରୁଥିବା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଅନୁଗୋଳ ଜିଲ୍ଲା କଂଗ୍ରେସ ଭବନଠାରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ସମ୍ପାଦକ ତଥା ପର୍ଯ୍ୟବେକ୍ଷକ ସି ପି ମିତ୍ତଲ କହିଛନ୍ତି । ସେ ଆହୁରି ମଧ୍ୟ କହିଥିଲେ ଯେ, ଅବୈଧ ଏସଆଇଆର ବାତିଲ, କଟିଥିବା ସମସ୍ତ ଭୋଟରଙ୍କ ନାମ ତୁରନ୍ତ ଯୋଡ଼ିବା, ପୂର୍ବଭଳି ନିୟମିତ ବ୍ୟବଧାନରେ ଭୋଟର ତାଲିକାକୁ ସଂଶୋଧନ, ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ସମ୍ପର୍କିତ ଆଇନ ବାତିଲ, ନିର୍ବାଚନ ଆୟୋଗଙ୍କ ସ୍ୱାଧୀନତା ଓ ବିଶ୍ୱାସନୀୟତା ସୁନିଶ୍ଚିତ କରିବା ଉଚିତ । ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ପ୍ରଚଳନ, ନିର୍ବାଚନରେ ଅର୍ଥ ଓ ବାହୁବଳର ପ୍ରଭାବ ହ୍ରାସ ଆଦିକୁ ପ୍ରାଥମିକତା ଦେବାକୁ ଶ୍ରୀ ମିତଲ ଦାବି କରିଥିଲେ । ବିଶେଷକରି ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ବିବାଦୀୟ କାର୍ଯ୍ୟ ପାଇଁ ଆଜି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ ଭାରତର ଗଣତନ୍ତ୍ର ବିପଦରେ । କେହି ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । କେହି ବି ଜାଣିନାହାନ୍ତି ସେମାନଙ୍କ ନାମ ଭୋଟର ତାଲିକାରେ ଥିବ କି ନାହିଁ ? ତେଣୁ ଭୋଟର ତାଲିକା ସଂଶୋଧନ ଓ ଏସଆଇଆରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଜରୁରୀ ବୋଲି ସେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରକାଶ କରିଥିଲେ । ପ୍ରଦେଶ କଂଗ୍ରେସ ଉପସଭାନେତ୍ରୀ ସସ୍ମିତା ବେହେରା, ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ତଥା ଅନୁଗୋଳ ଜିଲ୍ଲା ପ୍ରଭାରୀ ହଳଧର ସେଠୀ, ପିସିସି ସାଧାରଣ ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ ଲଲାଟେନ୍ଦୁ ଦାସ, ବିଜୟାନନ୍ଦ ଚାଉଳିଆ, ପିସିସି ସମ୍ପାଦକ ଆଦିତ୍ୟ ଦିବ୍ୟସିଂହ, ସୁଦୀପ ମିଶ୍ର, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ଗଣତନ୍ତ୍ରର ସୁରକ୍ଷା ପାଇଁ ସମ୍ମିଳିତ ସଂଗ୍ରାମର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମେ ସମ୍ବିଧାନର ଅନୁଚ୍ଛେଦ ୩୨୬ ପଠ କରିବା ସହ ସେବା ଦଳ ତରଫରୁ ଜିଲ୍ଲା ଅଧ୍ୟକ୍ଷ ସୌମ୍ୟ ସଞ୍ଜିତ ମିଶ୍ର ଓ ରାଜ୍ୟ ସେବା ଦଳ ସମ୍ପାଦକ ସଞ୍ଜିବ ନାଏକଙ୍କ ଦ୍ୱାରା ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଉକ୍ତ ସମ୍ମିଳନୀରେ ବରିଷ୍ଠ ନେତା ଉମେଶ ଚନ୍ଦ୍ର ସାହୁ, ଦିଗାମ୍ବର ଗଡନାୟକ, ତପନ ପ୍ରଧାନ, ଦାଶରଥି ସାହୁ, ଗୋବିନ୍ଦ ନାଏକ, ଟିକନ ବେହେରା, ପ୍ରଫୁଲ୍ଲ ଦାସ, ଗୋପାଳ ଚନ୍ଦ୍ର ନାଥ, ଚିନ୍ନରଞ୍ଜନ ନାଏକ, ଅମୂଲ୍ୟ ବେହେରା, ବିରଚିଂ ନାରାୟଣ ଧର, ବଳବୀର ସିଂ, ଅନୁଗୋଳ ବ୍ଲକ କଂଗ୍ରେସ ସଭାପତି ରାକେଶ ମିଶ୍ର, ବଣଁରପାଳ ବ୍ଲକ ସଭାପତି ବିନୋଦ ମାଝୀ, କଣିହାଁ ବ୍ଲକ ସଭାପତି ମାନସ ରଞ୍ଜନ ପ୍ରଧାନ, ଛେଣ୍ଡିପଦା ବ୍ଲକ୍ ସଭାପତି ଅଜୟ ବେହେରା, ନଗର ମହିଳା ସଭାନେତ୍ରୀ କସିଦା ଖାନ, ଭଜମନ ଦାସ, ସୁବାସ ସାହୁ, ଅଳକା ରାଣୀ ମହାପାତ୍ର, ମାନିନୀ ପ୍ରଧାନ, ସଂଗ୍ରାମ ବେହେରା, ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ବିବିଧା

ତୃତୀୟ ଥର ମାଆ ହେବେ ଅନୁଷ୍କା !



ବିରାଟଙ୍କ ସହ ଭାଇରାଲ୍ ଭିଡିଓ ପରେ ବଢ଼ିଲା ଚର୍ଚ୍ଚା

ବଲିଉଡ୍ ଷ୍ଟାରଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ଫ୍ୟାନ୍ସଙ୍କ ମଧ୍ୟରେ ରହିଥାଏ ଉତ୍ସାହ। ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ପୁଣିଥରେ ମା' ହେବାକୁ ଯାଉଛନ୍ତି କି ? ଭାରତୀୟ କ୍ରିକେଟ୍ ତାରକା ବିରାଟ କୋହଲିଙ୍କ ସହ ଅନୁଷ୍କାଙ୍କ ଏକ ଭିଡିଓ ଭାଇରାଲ୍ ହେବା ପରେ ଏବେ ସୋସିଆଲ୍ ମିଡିଆରେ ଏଭଳି ଚର୍ଚ୍ଚା ଜୋର୍ ଧରିଛି। ମୁମ୍ବାଇରେ ଏକ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମରେ ଦୁହିଁଙ୍କୁ ଏକାଠି ଦେଖିବା ପରେ ଅନୁଷ୍କାଙ୍କ ଲୁକକୁ ନେଇ ନାନା ଅନୁମାନ ଲଗାଉଛନ୍ତି ଫ୍ୟାନ୍ସ। ତେବେ ପ୍ରକୃତରେ କ'ଣ ଅନୁଷ୍କା ତୃତୀୟ ଥର ପାଇଁ ମା' ହେବାକୁ ଯାଉଛନ୍ତି, ନା ଏହା କେବଳ ସୋସିଆଲ୍ ମିଡିଆର ଚର୍ଚ୍ଚା ? ଅକ୍ଟୋବର ୨୫ ତାରିଖରେ ମୁମ୍ବାଇର ୱର୍ଲି ସ୍ଥିତ ଡୋମ୍, ଏସଭିପି ଷ୍ଟାଡିୟମରେ ଆୟୋଜିତ ଆମେରିକୀୟ ସଙ୍ଗୀତଶିଳ୍ପୀ କୃଷ୍ଣ ଦାସଙ୍କ ଲାଇଭ୍ କୀର୍ତ୍ତନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏହି ଷ୍ଟାର୍ ଦମ୍ପତି। ଏହା ପୂର୍ବରୁ ମଧ୍ୟ ଦୁହିଁଙ୍କୁ ଗେଟ୍ୱେ ଅଫ୍ ଇଣ୍ଡିଆ ନିକଟରେ ଏକାଠି ଦେଖିବାକୁ ମିଳିଥିଲା। ଭାଇରାଲ୍ ଭିଡିଓରେ ଅନୁଷ୍କାଙ୍କୁ ସଙ୍ଗୀତର ତାଳେ ତାଳେ ତାଳି ବଜାଇବା ସହ ଗୀତ ଗାଉଥିବା ଦେଖିବାକୁ ମିଳିଛି। ପାଖରେ ବସିଥିଲେ ବିରାଟ। ତେବେ ଏହି ଭିଡିଓ ସାମ୍ନାକୁ ଆସିବା ପରେ ଅନୁଷ୍କାଙ୍କ ତୃତୀୟ ଥର ଗର୍ଭଧାରଣକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା। କିଛି ୟୁଜର୍ ପ୍ରଶ୍ନ କରୁଛନ୍ତି, ଅନୁଷ୍କା ପୁଣି ଗର୍ଭବତୀ କି ? ଆଉ କିଛି ୟୁଜର୍ ଏହାକୁ ନେଇ ମଜାଳିଆ କମେଣ୍ଟ ମଧ୍ୟ କରୁଛନ୍ତି। ତେବେ ଏହି [redacted] କୌଣସି ଅଧିକାରିକ [redacted] ବିରାଟଙ୍କ ପକ୍ଷରୁ ତୃତୀୟ [redacted] କୌଣସି ଘୋଷଣା [redacted] ମସିହାରେ ବିବାହ [redacted] ୨୦୨୧ରେ ଝିଅ [redacted] ଫେବୃଆରୀରେ ପୁଅ ଅକାୟଙ୍କୁ ସ୍ୱାଗତ କରିଥିଲେ ଏହି ଦମ୍ପତି। ନିଜ ପିଲାମାନଙ୍କୁ ଗଣମାଧ୍ୟମର ଆଲୋକରୁ ଦୂରେଇ ରଖିବାକୁ ମଧ୍ୟ ସେମାନେ ପସନ୍ଦ କରନ୍ତି। ତେବେ ଅନୁଷ୍କାଙ୍କ ତୃତୀୟ ଗର୍ଭଧାରଣକୁ ନେଇ ଏବେ ଯାହା ଚର୍ଚ୍ଚା ହେଉଛି, ତାହା କେବଳ ସୋସିଆଲ୍ ମିଡିଆର ଅନୁମାନ। ଅଧିକାରିକ ଘୋଷଣା ନ ଆସିବା ପର୍ଯ୍ୟନ୍ତ ଏହାକୁ ସତ୍ୟ ବୋଲି ଧରିନେବା ଠିକ୍ ହେବ ନାହିଁ।

ସୀତା ମାତା ପରେ ସିବିଆଇ ଅଫିସର ଭୂମିକାରେ ନଜର ଆସିବେ ସାଇ ପଲ୍ଲବୀ

'ରାମାୟଣ'ରେ ମାଆ ସୀତାଙ୍କ ଭୂମିକାରେ ପରଦାକୁ ଆସିବାକୁ ଯାଉଥିବା ସାଇ ପଲ୍ଲବୀଙ୍କୁ ଏକ ନୂଆ ଅବତାରରେ ଦେଖିବେ ଦର୍ଶକ। ଦକ୍ଷିଣ ଭାରତୀୟ ସିନେମାର ଏହି ଲୋକପ୍ରିୟ ଅଭିନେତ୍ରୀ ତାଙ୍କର ଆଗାମୀ ଆକ୍ସନ୍ ଥ୍ରିଲର୍ ଚଳଚ୍ଚିତ୍ର 'ଓମ୍- ଚାପ୍ଟର ୧: ଉଦ୍ଧିରମ୍- ଦ ବ୍ଲଡ୍ ଉଡ୍'ରେ ନିଭାଇଥିବା ଚରିତ୍ର ସାମ୍ନାକୁ ଆସିଛି। ଏହି ସିନେମାରେ ସେ ନିତ୍ୟା ରେଡ୍ଡୀ ନାମ୍ନୀ ଜଣେ ଦକ୍ଷ ସିବିଆଇ ଅଧିକାରୀ ଭାବେ ନଜର ଆସିବେ। ଏହି ଚଳଚ୍ଚିତ୍ରର ନିର୍ମାତା ସୋମବାର ସାଇ ପଲ୍ଲବୀଙ୍କ ଚରିତ୍ରର ପ୍ରଥମ ଝଲକ ଜାରି କରିଛନ୍ତି। ଏଥିରେ ସେ ଜଣେ ସାହସୀ, ବୁଦ୍ଧିମତୀ ଓ ଅଭିଜ୍ଞ ଅଧିକାରୀ ଭାବେ ଅଭିନୟ କରିଛନ୍ତି। ନିତ୍ୟା ରେଡ୍ଡୀ ଜଣେ ସହିଦ ଭାରତୀୟ ବନ ସେବା ଅଧିକାରୀଙ୍କ ଝିଅ। ସେ ଆନ୍ଧ୍ରପ୍ରଦେଶରେ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ପୁଲିସ ଭାବେ କ୍ୟାରିୟର ଆରମ୍ଭ କରି ପରବର୍ତ୍ତୀ ସମୟରେ ପଦୋନ୍ନତି ପାଇଛନ୍ତି। ତାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଅପରାଧର ତଦନ୍ତ ଦାୟିତ୍ୱ ମିଳିଛି। ରାଜକୁମାର ପେରିୟାସାମୀଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ଧନୁଷ ଓ ମାମୁଟିଙ୍କ ଭଳି ଅଭିନେତା ମଧ୍ୟ ଅଭିନୟ କରିଛନ୍ତି। ଚଳଚ୍ଚିତ୍ରଟି ୨୦ ନଭେମ୍ବର ୨୦୨୬ରେ ମୁକ୍ତିଲାଭ କରିବାର ଯୋଜନା ରହିଛି। ସାଇ ପଲ୍ଲବୀଙ୍କ ଏହି ନୂଆ ଅବତାର ଓ ଚଳଚ୍ଚିତ୍ରର ରହସ୍ୟମୟ କାହାଣୀକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି।

ମୁହଁକୁ ଅଧିକ ବୟସ୍କ କରୁଛି କି ଆପଣଙ୍କ ସ୍କିନ୍ ପ୍ରଡକ୍ଟ ?

ଦାମୀ କ୍ରିମ୍ ନୁହେଁ ବଦଳାନ୍ତୁ ସ୍କିନ୍ ରୁଟିନ୍

ବୟସ ବଢ଼ିବା ସହ ମୁହଁରେ ରିଙ୍କଲ୍ସ ପଡ଼ିବା, ତ୍ୱଚାର ଚମକ କମିଯିବା ଏବଂ ଦାଗ ଦେଖାଯିବା ସ୍ୱାଭାବିକ ଥାଏ। କିନ୍ତୁ ଆପଣ ଜାଣନ୍ତି କି, ଆମର କିଛି ଦୈନନ୍ଦିନ ଅଭ୍ୟାସ ମଧ୍ୟ ଆମ ସୁନ୍ଦର କୋମଳ ତ୍ୱଚାକୁ ଅକାଳରେ ବୟସ୍କ ଦେଖାଇପାରେ ? ମାର୍କେଟରେ ମିଳୁଥିବା ଦାମୀ କ୍ରିମ୍, ସିରମ୍ ଓ ବିଭିନ୍ନ ବିୟୁଟି ପ୍ରଡକ୍ଟ ବ୍ୟବହାର କରିବା ସତ୍ତ୍ୱେ ଯଦି ଆପଣଙ୍କ ମୁହଁରେ ଶୁଷ୍କତା କିମ୍ବା ରିଙ୍କଲ୍ସ ଦେଖାଯାଉଛି, ତେବେ ଏହା ପଛରେ ଆପଣଙ୍କ ସ୍କିନ୍ କେୟାର୍ ରୁଟିନର କିଛି ଭୁଲ୍ ଥାଇପାରେ। ବିଶେଷକରି, ବାହାରକୁ ଗଲେ ସନସ୍କ୍ରିନ୍ ନ ଲଗାଇବା, ମୁହଁକୁ ଅତ୍ୟଧିକ ଧୋଇବା, ତ୍ୱଚାକୁ ଆବଶ୍ୟକ ଆର୍ଦ୍ରତା ନ ଦେବା ଏବଂ ଏକାସାଙ୍ଗରେ ଅନେକ ସ୍କିନ୍ କେୟାର୍ ପ୍ରଡକ୍ଟ ବ୍ୟବହାର କରିବା ତ୍ୱଚାର ସ୍ୱାସ୍ଥ୍ୟକୁ ପ୍ରଭାବିତ କରିପାରେ। ତ୍ୱଚାର ଯତ୍ନ ନେବା ପାଇଁ ସବୁବେଳେ ଦାମୀ ପ୍ରଡକ୍ଟର ଆବଶ୍ୟକତା ନାହିଁ। କେବଳ ନିଜର ଦୈନନ୍ଦିନ ସ୍କିନ୍ କେୟାର୍ ରୁଟିନରେ କିଛି ସରଳ ପରିବର୍ତ୍ତନ କରି ତ୍ୱଚାକୁ ସୁସ୍ଥ, ନରମ ଓ ଉଜ୍ଜ୍ୱଳ ରଖିବାରେ ସାହାଯ୍ୟ କରିଥାଏ। ଆପଣଙ୍କ ମୁହଁରେ ଦେଖାଦେଉଛି କି ଦାଗ, ଶୁଷ୍କତା ଓ ରିଙ୍କଲ୍ସ ? ବୟସ ବଢ଼ିବା ସହ ତ୍ୱଚାରେ ପରିବର୍ତ୍ତନ ଆସିବା ସ୍ୱାଭାବିକ। କିନ୍ତୁ କିଛି ଭୁଲ୍ ସ୍କିନ୍ କେୟାର୍ ଅଭ୍ୟାସ ତ୍ୱଚାକୁ ଅଧିକ ଶୁଷ୍କ ଓ ବୟସ୍କ ଦେଖାଇପାରେ। ତେବେ ତ୍ୱଚାର ଯତ୍ନ ନେବା ପାଇଁ ଏହି ୫ଟି ପରିବର୍ତ୍ତନ କରିବା ଜରୁରୀ। ପ୍ରଥମତଃ, ସନସ୍କ୍ରିନ୍ ବ୍ୟବହାର କରନ୍ତୁ। ସୂର୍ଯ୍ୟଙ୍କ ଅତିବାଇଗଣି ରଶ୍ମି ତ୍ୱଚାରେ ଦାଗ, କୁଞ୍ଚନ ଓ ଅକାଳ ବାର୍ଦ୍ଧକ୍ୟର ପ୍ରମୁଖ କାରଣ ହୋଇପାରେ। ତେଣୁ ପ୍ରତିଦିନ ଏସପିଏଫ୍ ୩୦ କିମ୍ବା ତା'ଠାରୁ ଅଧିକ ଏସପିଏଫ୍ ସନସ୍କ୍ରିନ୍ ଲଗାନ୍ତୁ। ବାହାରେ ଥିଲେ ପ୍ରତି ଦୁଇ ଘଣ୍ଟାରେ ଏବଂ ଝାଳ ବାହାରିବା କିମ୍ବା ପାଣିରେ ଭିଜିବା ପରେ ପୁଣି ଲଗାନ୍ତୁ। ଦ୍ୱିତୀୟରେ , ତ୍ୱଚାକୁ ଅଧିକ ଧୁଅନ୍ତୁ ନାହିଁ । ମୁହଁକୁ ବାରମ୍ବାର ଘଷିବା କିମ୍ବା କଠୋର ସ୍କ୍ରବ୍ ବ୍ୟବହାର କରିବା ଦ୍ୱାରା ତ୍ୱଚାର ସୁରକ୍ଷାସ୍ତର କ୍ଷତିଗ୍ରସ୍ତ ହୋଇପାରେ। ତେଣୁ ମୁହଁ ସଫା କରିବା ପାଇଁ ମୃଦୁ ଫେସୱାସ ବ୍ୟବହାର କରନ୍ତୁ ଏବଂ ହାଲୁକା ଭାବେ ପୋଛନ୍ତୁ। ମୁହଁ ଧୋଇବା ପରେ ତ୍ୱଚାରେ ମଏଶ୍ଚରାଇଜର୍ ଲଗାଇବା ଭୁଲନ୍ତୁ ନାହିଁ। ତ୍ୱଚା ଶୁଷ୍କ ହେଲେ ରିଙ୍କଲ୍ସ ଅଧିକ ସ୍ପଷ୍ଟ ଦେଖାଯାଇପାରେ। ଏଥିପାଇଁ ନିଜ ତ୍ୱଚାର ପ୍ରକାର ଅନୁଯାୟୀ ମଏଶ୍ଚରାଇଜର୍ ବାଛନ୍ତୁ। ନିୟମିତ ଭାବେ ଏହାର ବ୍ୟବହାର ତ୍ୱଚାକୁ ନରମ ଓ ଆର୍ଦ୍ର ରଖିବାରେ ସାହାଯ୍ୟ କରେ। ମୁହଁରେ ଅଧିକ ପ୍ରଡକ୍ଟ ବ୍ୟବହାର କରନ୍ତୁ ନାହିଁ । ଅଧିକ ସୁନ୍ଦର ଦେଖାଯିବା ଆଶାରେ ଏକାସାଙ୍ଗରେ ଅନେକ ସିରମ୍, ଏକ୍ସଫୋଲିଏଟର୍ ଓ ଆକ୍ଟିଭ୍ ଉପାଦାନ ବ୍ୟବହାର କରିବା ତ୍ୱଚାରେ ଜ୍ୱଳନ ଓ ଲାଲ୍ ପଡ଼ିବାର କାରଣ ହୋଇପାରେ। ତେଣୁ ସରଳ ସ୍କିନ୍ କେୟାର୍ ରୁଟିନ୍ ଆପଣାନ୍ତୁ ଏବଂ ନୂଆ ପ୍ରଡକ୍ଟକୁ ଧୀରେ ଧୀରେ ରୁଟିନରେ ସାମିଲ କରନ୍ତୁ। କେବଳ କ୍ରିମ୍ ଲଗାଇଲେ ତ୍ୱଚାର ଯତ୍ନ ସମ୍ପୂର୍ଣ୍ଣ ହୁଏନାହିଁ। ପ୍ରତିଦିନ ପର୍ଯ୍ୟାପ୍ତ ନିଦ, ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ ଓ ଧୂମପାନଠାରୁ ଦୂରେଇ ରହିବା ତ୍ୱଚାର ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ।

ବଲିଉଡ ଅପେକ୍ଷା ସାଉଥ୍‌ରେ ଅଦିତିଙ୍କୁ ମିଳିଛି ଅଧିକ ସଫଳତା

ଅକ୍ଟୋବର ୨୮ ହେଉଛି ବଲିଉଡ ଓ ଦକ୍ଷିଣ ଭାରତୀୟ ସିନେମା ଜଣାଶୁଣା ନାୟିକା ଅଦିତି ରାଓ ହାଇଦରୀଙ୍କ ଜନ୍ମଦିନ। ବଲିଉଡରେ ୧୭ ବର୍ଷ ପୂରଣ କରିଲେଣି ଅଦିତି ରାଓ ହାଇଦରୀ, କିନ୍ତୁ ଏଠି ତାଙ୍କୁ ଖାସ୍ ସଫଳତା ମିଳିନାହିଁ। ଅଦିତି ରାଓ ହାଇଦରୀ ୨୦୦୯ରେ ରିଲିଜ୍ ହୋଇଥିବା ଫିଲ୍ମ 'ଦିଲ୍ଲୀ-୬' ରୁ ବଲିଉଡରେ କ୍ୟାରିଅର ଆରମ୍ଭ କରିଥିଲେ। ଏହାପରେ ସେ ୟେ ଶାଲି ଜିନ୍‌ଦଗି, ରକ୍‌ଷ୍ଟାର, ଖୁବ୍‌ସୁରତ୍, ୱାଜିର, ଭୂମି ଏବଂ ପଦ୍ମାବତ୍ ଆଦି ଲୋକପ୍ରିୟ ହିନ୍ଦୀ ସିନେମାର ଅଭିନୟ କରିଛନ୍ତି।ଏଯାବତ୍ ଅଦିତିଙ୍କୁ ଜଣେ ଟପ୍ ହିରୋଇନ୍‌ର ମାନ୍ୟତା ମିଳି ନାହିଁ, କି ତାଙ୍କୁ କୌଣସି ବିଗ୍ ଷ୍ଟାରଙ୍କ ଅପୋଜିଟ୍‌ରେ ହିରୋଇନ୍ ରୋଲ ପାଇଁ ଅଫର୍ ମିଳୁ ନାହିଁ। ଏହାକୁ ଲକ୍ଷ୍ୟ କରି ଅଦିତି ଦକ୍ଷିଣ ଭାରତୀୟ ସିନେମାକୁ ମୁହାଁଇଥିଲେ। ଅଦିତି ତେଲୁଗୁ ସିନେମା 'ସମ୍ମୋହନମ୍'ରେ ଡେବ୍ୟୁ କରିଥିଲେ। ଏହା ଏକ ବ୍ଲକବଷ୍ଟର ଫିଲ୍ମ ସାବ୍ୟସ୍ତ ହୋଇଥିଲା। ଏହାପରେ ଅଦିତି ହେ ସିନାମିକା, ମହାସୁନ୍ଦରମ୍, ଭି, ସାଇକୋ, ଅନ୍ତରୀକ୍ଷମ୍ ଆଦି ତେଲୁଗୁ ଓ ତାମିଲ ସିନେମାରେ ନଜର ଆସିଛନ୍ତି। ସତ କହିବାକୁ ଗଲେ ବଲିଉଡ ଅପେକ୍ଷା ସାଉଥ୍‌ରେ ତାଙ୍କୁ ମିଳିଛି ଅଧିକ ସଫଳତା।

ଉତ୍କଳ ସମାଚାର

ସମ୍ପାଦକୀୟ...

ଶୁକ୍ରବାର ୩୦ ଅକ୍ଟୋବର ୨୦୨୬

ଏଲଏସି ସ୍ଥିତି

ଏଲଏସି ସ୍ଥିତି ନେଇ ଆଇଟିବିପି ମହାନିର୍ଦ୍ଦେଶକଙ୍କ ବିବାଦୀୟ ବୟାନ ପରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏହା ଉପରେ ସ୍ପଷ୍ଟିକରଣ ଦେବାକୁ ପଡ଼ିଛି। ଏଲଏସିରେ ସ୍ଥିତି ଏବେ ନିୟନ୍ତ୍ରଣାଧିନ ରହିଛି ବୋଲି ଭାରତ ସରକାରଙ୍କ ପକ୍ଷରୁ କୁହାଯାଇଛି। ଭାରତ ଓ ଚୀନ ମଧ୍ୟରେ ନିର୍ଦ୍ଧାରିତ ବାସ୍ତବ ସୀମା ରେଖା ଯାହା ଏଲଏସି ନାମରେ ପରିଚିତ ତାହା ଏବେ ଶାନ୍ତ ପଡ଼ିଛି। ୨୦୨୦ରୁ ଏହା ଅଶାନ୍ତ ଏବଂ ଅସ୍ଥିର ରହିଥିଲା। ୨୦୨୦ ମେ'ରେ ପୂର୍ବ ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚୀନ ସେନା ମୁହାଁମୁହିଁ ହେବା ପରେ ଉଭୟ ପକ୍ଷ ମଦ୍ୟରେ ଏକ ପ୍ରକାର ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ମୃତାହତ ହୋଇଥିଲେ। ପରେ ଏଲଏସିର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଚୀନ ସେନା ଭାରତୀୟ ସୀମାରେ ଅନୁପ୍ରବେଶ କରିବାକୁ ଉଦ୍ୟମ କରିବା ବେଳେ ଦୁଇ ପକ୍ଷ ମଧ୍ୟରେ ସଂଘର୍ଷ ହୋଇଛି। କହିବା ବାହୁଲ୍ୟ ଯେ, ଏଲଏସି ହେଉଛି ବିଶ୍ୱର ସବୁଠାରୁ ଦୀର୍ଘତମ ଦ୍ୱିପାକ୍ଷିକ ଭୌଗଳିକ ସୀମାରେଖା। ଏହା ମଧ୍ୟ ବିଶ୍ୱର ସବୁଠାରୁ ବିପଜ୍ଜନକ ଏବଂ ଆନ୍ତ ସୀମା। ପାକିସ୍ତାନ ସହିତ ସୀମାରେଖା ବା ଏଲଓସି ଏବଂ ଚୀନ ସହିତ ସୀମାରେଖା ଏଲଏସି ଅତି ନିକଟତର ଏବଂ ଉଭୟ ସୀମାରେଖା ଭାରତ ପାଇଁ ପ୍ରତିରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଭାରତକୁ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏହା ଭାରତର ସୁରକ୍ଷା ଏବଂ ନିରାପତା ସହ ଜଡ଼ିତ। ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୀମାରେ ଶାନ୍ତି ବଜାୟ ରଖିବାକୁ ପ୍ରାଥମିକତା ଦିଆଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପାରସ୍ପରିକ ବିଶ୍ୱାସ, ସମ୍ମାନ ଏବଂ ସଦଭାବନା ମାଧ୍ୟମରେ ଏହା ସମ୍ଭବ। ତେବେ ଚୀନ ରାଷ୍ଟ୍ରପତି ଜିନ ପିଙ୍ଗ ଏହାକୁ କେତେଦୂର ଗ୍ରହଣ କରିଛନ୍ତି ବା ଏହାକୁ କେତେଦୂର କାର୍ଯ୍ୟକାରୀ କରିବେ ତାହା ସନ୍ଦେହରେ। କାରଣ ଯେତେବେଳେ ଯାହା ହେଲେବି ଚୀନ ନିଜର ବିସ୍ତାରବାଦୀ ଚରିତ୍ରକୁ କେବେ ହେଲେ ପରିତ୍ୟାଗ କରି ନାହିଁ କିମ୍ବା କରିବ ନାହିଁ। ଅତୀତରେ ବାରମ୍ବାର ଏହା ପ୍ରମାଣିତ ହୋଇଛି। ଚୀନର ପ୍ରତିଶ୍ରୁତି ସବୁ ବେଳେ ପାଣିର ଗାର ହୋଇଛି। ଚୀନ ପାଇଁ ବନ୍ଧୁତା କେବଳ ଲାଭକ୍ଷତିର ହିସାବ ଉପରେ ଆଧାରିତ। ମୋଦି ଓ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଏକ ବୁଝାମଣା ହୋଇଛି। ବୁଝାମଣା ଅନୁଯାୟୀ ଏଲଏସିରେ ପୁଣି ପୂର୍ବପରି ପାଟ୍ରୋଲିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। କିନ୍ତୁ ସମୟ କହିବ ଚୀନ ଏହି ବୁଝାମଣାକୁ କେତେଦୂର କାର୍ଯ୍ୟକାରୀ କରିବ ବା ଗ୍ରହଣ କରିବ। କାରଣ ଭାରତ ସହ ଚୀନର ସୀମା ବିବାଦ ଅନେକ ଦଶନ୍ଧି ପୁରୁଣା। ଅରୁଣାଚଳ ପ୍ରଦେଶରୁ ଆରମ୍ଭ କରି ଲଦାଖ ପର୍ଯ୍ୟନ୍ତ ଏହି ବିବାଦ ପରିବ୍ୟାପ୍ତ। ଭାରତର ଅରୁଣାଚଳ ପ୍ରଦେଶକୁ ଚୀନ ସର୍ବଦା ନିଜର ଅଂଚଳ ଭାବେ ଦାବି କରି ଆସୁଛି। ପ୍ରତିବର୍ଷ ଚୀନ ସରକାରଙ୍କ ପକ୍ଷରୁ ଜାରି ହେଉଥିବା ମାନଚିତ୍ରରେ ଅରୁଣାଚଳକୁ ନିଜର ଅଂଚଳ ଭାବେ ଚୀନ ଚିତ୍ରଣ କରି ଆସୁଛି। ପ୍ରତିବର୍ଷ ଭାରତ ଏହାର ପ୍ରତିବାଦ କରି ଆସୁଛି। କିନ୍ତୁ ସ୍ଥିତିରେ ପରିବର୍ତ୍ତନ ଆସୁନି କିମ୍ବା ଚୀନ ଭାରତର ପ୍ରତିବାଦକୁ ଗ୍ରହଣ କରୁନାହିଁ। ୧୯୬୧ରେ ଭାରତ-ଚୀନ ଯୁଦ୍ଧରେ ଅରୁଣାଚଳ ପ୍ରଦେଶର ଏକ ବଡ଼ ଅଂଚଳ ଚୀନ ଦଖଲକୁ ଚାଲିଯାଇଛି। ଏହାବ୍ୟତିତ କାଶ୍ମୀର ଏବଂ ଲଦାଖର ଅନେକ ଅଂଚଳକୁ ମଧ୍ୟ ଚୀନ ଜବର ଦଖଲ କରିଛି। ୧୯୬୧ରେ ଭାରତର ସାମରିକ ଶକ୍ତି ଚୀନର ମୁକାବିଲା ପାଇଁ ପର୍ଯ୍ୟାପ୍ତ ନଥିଲା। ତେଣୁ ଭାରତ ଚୀନଠାରୁ ଏସବୁ ଅଂଚଳ ଛଡ଼ାଇ ଆଣିପାରିଲା ନାହିଁ। ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଭୁଲ ନୀତି ଯୋଗୁ ଭାରତକୁ ବହୁ ମୂଲ୍ୟ ଦେବାକୁ ପଡ଼ିଲା। ପରବର୍ତ୍ତୀ ସମୟରେ ଚୀନ ବାରମ୍ବାର ଲଦାଖ ଓ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରିବା ଲାଗି ପ୍ରୟାସ କରିଛି। ଅନେକ ଥର ଭାରତ ଓ ଚୀନ ସେନା ଏଥିଲାଗି ଏଲଏସିରେ ମୁହାଁ ମୁହିଁ ହୋଇଛନ୍ତି। ତିନି ବର୍ଷ ତଳେ ଲଦାଖର ଗଲୱାନ ଉପତ୍ୟକାରେ ଚୀନ ସେନା ଭାରତୀୟ ଅଂଚଳରେ ଅନୁପ୍ରବେଶ ଲାଗି ଉଦ୍ୟମ କରିବା ଫଳରେ ଉଭୟ ସେନା ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇଥିଲା ଏବଂ ଭାରତୀୟ ସେନାର ଅନେକ ଏଥିରେ ପ୍ରାଣ ହରାଇଥିଲେ। ଅରୁଣାଚଳ ପ୍ରଦେଶରେ ମଧ୍ୟ ଭାରତ ଓ ଚୀନ ସେନା ବାରମ୍ବାର ମୁହିଁ ମୁହିଁ ହୋଇଛନ୍ତି। ଉଭୟ ଦେଶ ମଧ୍ୟରେ ସୀମା ବିବାଦର ସମାଧାନ ଲାଗି ଉଭୟ ପକ୍ଷର ସେନାଧିକାରୀଙ୍କ ମଧ୍ୟରେ ଅନେକ ଥର ଆଲୋଚନା ହେଲାଣି। କିନ୍ତୁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନି। ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନହାଇପାରିବ ଏଭଳି ବିଶ୍ୱାସ ଆଉ ନାହିଁ। ଚୀନ ତା'ର ବିସ୍ତାରବାଦୀ ନୀତି ପରିହାର ନକରିବା ପର୍ଯ୍ୟନ୍ତ ବିବାଦର ସମାଧାନ ହୋଇପାରିବ ନାହିଁ। କେବଳ ଅରୁଣାଚଳ ପ୍ରଦେଶ ନୁହେଁ, ଲଦାଖ,ହିମାଚଳ ପ୍ରଦେଶ ଏବଂ କାଶ୍ମୀରର କିଛି ଅଂଚଳ ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇଛି। ଭାରତ ଭଳି ହଂକଂ ଏବଂ ତାଇୱାନକୁ ଚୀନ ନିଜ କବଜାରେ ରଖିବାକୁ ଉଦ୍ୟମ କରୁଛି। ଦକ୍ଷିଣ ଚୀନ ସାଗରରେ ଚୀନ ନିଜର ଏକାନ୍ତ ଆଧିପତ୍ୟ ବିସ୍ତାର କରିବାକୁ ପ୍ରୟାସ କରୁଛି। ଫଳରେ ଏ ଅଂଚଳରେ ଉତେତଜନା ଲାଗି ରହିଛି। ଭାରତ ଓ ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ଅଶାନ୍ତିର ମୂଳ କାରଣ ହେଉଛି ଚୀନ। ଏହାର ମୁକାବିଲା ଲାଗି ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମିଳିତ ହୋଇ ଏକ ନୂଆ ସଙ୍ଗଠନ ଗଠନ କରିଛନ୍ତି। ଚୀନ ଏହାକୁ ତାଚ୍ଛଲ୍ୟ କରୁଥିଲେ ମଧ୍ୟ ଏହାକୁ ଭୟ କରୁଛି। ଚୀନର ଏହି ସଂକୀର୍ଣ୍ଣ ମାନସିକତା ଆଧୁନୀକ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଯାହା କହିଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ, ଏଲଏସି ନେଇ ଯେଉଁ ବୁଝାମଣା ହୋଇଛି ତାହାକୁ ଚୀନ କେତେଦୂର ନିଷ୍ଠାର ସହ କାର୍ଯ୍ୟକାରୀ କରିବ ତାହା ସମୟକ୍ରମେ ଜଣାପଡ଼ିବ। ଅର୍ଥାତ ଚୀନ ସହ ବୁଝାମଣା ହୋଇଥିଲେ ମଧ୍ୟ ତାହାର କାର୍ଯ୍ୟକାରୀତା ନେଇ ଭାରତର ସନ୍ଦେହ ରହିଛି। ବେଜିଂକୁ ବିଶ୍ୱାସ ନାହିଁ। ଅତୀତରେ ଅନେକ ଥର ଚୀନ ଭାରତକୁ ଧୋକା ଦେଇଛି। ୧୯୬୨ର ଯୁଦ୍ଧ ଥିଲା ଚୀନ ଧୋକାଦାରୀର ନମୂନା। ୧୯୬୨ ତୁଳନାରେ ଭାରତୀୟ ସେନା ଏବେ ଅଧିକ ସୁଦୃଢ଼ ଏବଂ ଶକ୍ତିଶାଳି। ଏବେ ବି ଚୀନ ସହ ଭାରତ ପ୍ରତିରକ୍ଷା ଦୃଷ୍ଟିରୁ ସମକକ୍ଷ ହୋଇପାରିନି। କିନ୍ତୁ ଚୀନ ସେନାର ଜବାବ ଦେବାକୁ ଭାରତ ସମର୍ଥ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନିଷ୍ପତି, ଭବିଷ୍ୟତ ଦୃଷ୍ଟିଭଙ୍ଗୀ ଏବଂ ଯୋଜନା ବାସ୍ତବରେ ପ୍ରଶଂସନୀୟ। ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଏବେ ଆତ୍ମନିର୍ଭରଶୀଳ। ଏହାକୁ ଚୀନ ଆଉ ହୀନ ଦୃଷ୍ଟିରେ ଦେଖିପାରିବ ନାହିଁ।

ବହୁବଚନ : ଚନ୍ଦ୍ରଭାଗାରୁ ଚନ୍ଦ୍ରଭାଗା

ବିଜୟ ନାୟକ

ନଦୀର ନାମ ହେଉ ବା ନାୟିକାର, 'ଚନ୍ଦ୍ରଭାଗା' ଓଡ଼ିଶାରେ ଖୁବ୍ ଗୋଟେ ଆଦରଣୀୟ ନାମ। କିଂବଦନ୍ତି କହେ, କୋଣାର୍କର ସୂର୍ଯ୍ୟ ମନ୍ଦିରଠାରୁ ଅନତି ଦୂରରେ ଏକ ନଦୀ ପ୍ରବାହିତ ହେଉଥିଲା। ତାହା ଚନ୍ଦ୍ରଭାଗା ନାମରେ ସର୍ବବିଦିତ। ସେହି ନଦୀ ଆଜି ଲୁପ୍ତ। ଭୂବିଜ୍ଞାନୀମାନେ ଅବଶ୍ୟ କୋଣାର୍କ ନିକଟରେ ଏକ ନଦୀପଥ ଠାବ କରିଛନ୍ତି। ସତ୍ୟତା ନ ଥିଲେ ଶ୍ରୁତି କାହିଁ? ଚନ୍ଦ୍ରଭାଗା ସହିତ ଅନ୍ୟ ଏକ କିଂବଦନ୍ତି ମଧ ଜଡ଼ିତ। ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଶାପଗ୍ରସ୍ତ ହୋଇ କୁଷ୍ଠ ରୋଗରେ ପୀଡ଼ିତ ହୋଇଥିଲେ। ସେ ଚନ୍ଦ୍ରଭାଗା ନଦୀ ମୁହାଣରେ ବାର ବର୍ଷ ତପସ୍ୟା କଲାପରେ ଚନ୍ଦ୍ରଭାଗାର ପୁଣ୍ୟଜଳରେ ସ୍ନାନ କରି ବ୍ୟାଧିମୁକ୍ତ ହୋଇଥିଲେ। ସୁତରାଂ ଚନ୍ଦ୍ରଭାଗା ନଦୀର ଐତିହାସିକ ଓ ପୌରାଣିକ ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ। କବିବର ରାଧାନାଥ ରାୟଙ୍କ 'ଚନ୍ଦ୍ରଭାଗା' କାବ୍ୟର କଥାବସ୍ତୁ ଅନୁସାରେ ଋଷି ସୁମନ୍ୟୁଙ୍କର ରୂପବତୀ କନ୍ୟାଙ୍କ ନାମ ଚନ୍ଦ୍ରଭାଗା। ଚନ୍ଦ୍ରଭାଗାଙ୍କ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ସୂର୍ଯ୍ୟଦେବ ତାଙ୍କୁ ପ୍ରେମଭିକ୍ଷା କରି ପ୍ରତ୍ୟାଖ୍ୟାତ ହୋଇଥିଲେ। ତଥାପି ପଳାୟନ କରୁଥିବା ଚନ୍ଦ୍ରଭାଗାଙ୍କୁ ଅନୁସରଣ କରିଥିଲେ ପ୍ରେମାନ୍ଧ ସୂର୍ଯ୍ୟଦେବ। ଅନନ୍ୟୋପାୟ ହୋଇ ଚନ୍ଦ୍ରଭାଗା ସମୁଦ୍ରକୁ ଲମ୍ଫ ପ୍ରଦାନ କରି ଉନ୍ମାଳ ତରଙ୍ଗରେ ମିଶିଯାଇଥିଲେ। କବିବରଙ୍କ ଭାଷାରେ, ''ମିଶିଯାଏ ଯଥା ପ୍ରଭାତୀ ତାରା ରବି କିରଣେ, ମିଶିଯାଏ ଯଥା ଜୀବାତ୍ମା ବିଶ୍ୱ-ଆତ୍ମା ଚରଣେ। ମିଶିଯାଏ ଯଥା ଚପଳା ନୀଳ ଜଳଦ ଅଙ୍ଗେ, ମିଶିଗଲା ତଥା ଅବଳା ସେହି ନୀଳତରଙ୍ଗେ!'' କଳ୍ପନା ଓ କିଂବଦନ୍ତିର ସମନ୍ୱୟରେ ସୃଷ୍ଟ ଋଷିବାଳା ଚନ୍ଦ୍ରଭାଗାଙ୍କ କାହାଣୀ ଆଜି ମଧ ଓଡ଼ିଶାରେ କାରୁଣ୍ୟର କଲ୍ଲୋଳ ତୋଳେ। କେବଳ ଓଡ଼ିଶାର କାହିଁକି, ଭାରତର ପ୍ରାୟ ପ୍ରତି ପ୍ରାନ୍ତର ନଦୀଗୁଡ଼ିକର ନାମ ବେଶ୍ କାବ୍ୟିକ। ଲାଳିତ୍ୟରେ ଉଚ୍ଛଳ ଚନ୍ଦ୍ରଭାଗା ଭାରତର ଏକାଧିକ ନଦୀର ନାମ। ମହାରାଷ୍ଟ୍ରର ଅମରାବତୀ ଜିଲ୍ଲାରେ ପ୍ରବାହିତା ପୂର୍ଣ୍ଣା ନଦୀର ଏକ ଉପନଦୀ ଯାହା ଚିଖଲଦାର ପର୍ବତମାଳାରୁ ଉଦ୍‌ଗତ, ଚନ୍ଦ୍ରଭାଗା ନାମ ବହନ କରେ। ଭୀମା ନଦୀ ମହାରାଷ୍ଟ୍ରର ଏକ ତୀର୍ଥସ୍ଥଳୀ ପଣ୍ଢରପୁର ନିକଟରେ ଅର୍ଦ୍ଧଚନ୍ଦ୍ର ପରି ଦିଶୁଥିବାରୁ ଚନ୍ଦ୍ରଭାଗା ଭାବରେ ଜଣାଶୁଣା। ଏହା କୃଷ୍ଣା ନଦୀରେ ଯାଇ ମିଳିତ ହୋଇଛି। ରାଜସ୍ଥାନର ଆମେଟ ପାର୍ବତ୍ୟାଂଚଳରୁ ବାହାରିଥିବା ନଦୀର ନାମ ମଧ ଚନ୍ଦ୍ରଭାଗା। ଏହି ନଦୀ ବାନସ ନଦୀର ଉପନଦୀ। ତେବେ ହିମାଚଳପ୍ରଦେଶର ଚନ୍ଦ୍ରଭାଗା ନଦୀ ସମ୍ପର୍କିତ ତଥ୍ୟ ଅତ୍ୟନ୍ତ ରୋଚକ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସଦ୍ୟ ହିମାଚଳପ୍ରଦେଶ ଯାତ୍ରାରେ ମୁଁ ସାମିଲ ଥିଲି। ସେହି ଅବସରରେ ଅଟଳ ସୁଡ଼ଙ୍ଗ ନିକଟକୁ ଯିବାର ସୁଯୋଗ ମୋତେ ମିଳିଥିଲା। ଏହି ସୁଡ଼ଙ୍ଗର ଦୈର୍ଘ୍ୟ ୯ କିଲୋମିଟରରୁ ଅଧିକ। ଗମନାଗମନ ଓ ପର୍ଯ୍ୟଟନ ପାଇଁ କେବଳ ନୁହେଁ, ପ୍ରତିରକ୍ଷା ଦୃଷ୍ଟିରୁ ମଧ ଏହି ସୁଡ଼ଙ୍ଗ ଗୁରୁତ୍ୱପୂର୍ଣ୍ଣ। ଅଟଳ ସୁଡ଼ଙ୍ଗର ଦକ୍ଷିଣ ପୋର୍ଟାଲରୁ ଯାଇ ଉନ୍ତର ପୋର୍ଟାଲ ନିକଟରେ ଆମେମାନେ ପହଂଚିଲୁ। ଦକ୍ଷିଣ ପୋର୍ଟାଲର ଆରମ୍ଭ ସ୍ଥାନ ଧୁଣ୍ଡି ଏବଂ ଉତର ପୋର୍ଟାଲର ଅବସ୍ଥିତି ସିସୁ ନାମକ ସ୍ଥାନରେ। ତୁଷାରପାତ ହେତୁ ଶ୍ୱେତ ଜଟାଜୁଟ ସମ୍ପନ୍ନ ଧ୍ୟାନମଗ୍ନ ଋଷି ପରି ପ୍ରତୀୟମାନ ହେଉଥିଲେ ଗିରିଶୃଙ୍ଗ ସମୂହ। ଶୁଭ୍ର ତୁଷାର ଓ ରୁପା ଖରା ସତ୍ୱେ ପାର୍ବତ୍ୟ ପରିବେଶ ବେଶ୍ ରହସ୍ୟମୟ ମନେ ହେଉଥିଲା। ଶୀତଳ ସମୀରଣର ଆଲିଙ୍ଗନରେ ଥିଲା ଉଷ୍ମ ଆତ୍ମୀୟତା। ଉତର ପୋର୍ଟାଲ ସାମନାରେ ପ୍ରବହମାନ ଏକ କ୍ଷୀଣ ଅଥଚ କ୍ଷିପ୍ର ଜଳସ୍ରୋତ ପାଖରେ ଠିଆହୋଇ ମୁଁ ଅନ୍ୟମନସ୍କ ହୋଇପଡ଼ିଥିଲି। ଜଣେ ସ୍ଥାନୀୟ ଅଧିକାରୀ ମୋ ମୁଖମଣ୍ଡଳରେ ଅଙ୍କିତ ପ୍ରଶ୍ନବାଚୀକୁ ପଢ଼ିନେଲେ ଯେମିତି। କହିଲେ, ଏହା ଚନ୍ଦ୍ରା ନଦୀ। ଚନ୍ଦ୍ରତାଲ ଏହାର ଉଦ୍‌ଗମ ସ୍ଥଳ। ଭାଗା ନାମରେ ଅନ୍ୟ ଏକ ନଦୀ ସୂର୍ଯ୍ୟତାଲରୁ ବାହାରିଛି। ଏହି ଦୁଇ ନଦୀ ତାଣ୍ଡି ନିକଟରେ ମିଳିତ ହୋଇ 'ଚନ୍ଦ୍ରଭାଗା' ନଦୀରେ ରୂପାନ୍ତରିତ ହୋଇଛନ୍ତି। ସେ ଆହୁରି କହିଲେ, ଚନ୍ଦ୍ରଭାଗା ଜାମ୍ମୁ ଓ କାଶ୍ମୀରରେ ପ୍ରବେଶ କଲା ପରେ ଚେନାବ ଭାବରେ ପରିଚୟ ଲାଭ କରିଛି। ଦୁଇ ନଦୀର ସଙ୍ଗମ ସ୍ଥଳୀ ଭାରତୀୟ ପରମ୍ପରାରେ ପବିତ୍ର ସ୍ଥଳୀ ଭାବରେ ବିବେଚିତ ହୁଏ। ତାଣ୍ଡି ହିମାଚଳପ୍ରଦେଶର ଏକ ପ୍ରମୁଖ ତୀର୍ଥକ୍ଷେତ୍ର। ଭାରତର ଭାଷା ଅନେକ କିନ୍ତୁ ଭାଷ୍ୟ ଏକ, କଥା ଅନେକ କିନ୍ତୁ କାହାଣୀ ଏକ, ସ୍ୱର ଅନେକ ପୁଣି ସଙ୍ଗୀତ ଏକ। ଅମିତ ବିବିଧତା ସତ୍ୱେ ଅତୁଟ ବନ୍ଧନରେ କାଳେକାଳେ ସଂଯୋଜିତ ହୋଇ ରହିଛି ଭାରତ ଭୂମି। ଚନ୍ଦ୍ରଭାଗାମାନେ ଜଳତରଙ୍ଗରେ ପୁଣି ଭାବଉଚ୍ଛ୍ୱାସରେ ଭାରତର ଆତ୍ମାକୁ ପ୍ଲାବିତ କରୁଛନ୍ତି। ଭାରତର ଧୂଳିଧୂମାଳ, ଅଦ୍ରିଅଟବୀ, ଜଳଜଳଧି ତଥା ତଡ଼ାଗତଟିନୀ- ସର୍ବତ୍ର ଐକ୍ୟତାନ ସଦା ଗୁଞ୍ଜରିତ। ସେହି ଗୁଞ୍ଜରଣ ମଧରେ ନିହିତ ଏ ମହାଜାତିର ପ୍ରାଣ-ପ୍ରଣବ।

ସ୍ୱାଭିମାନ ଓ ଶୁଦ୍ଧ ବନାନ ନେଇ ଦୁଇ ଗାନ୍ଧୀ କଥା

କୁମାର ପ୍ରଶାନ୍ତ

ମହାତ୍ମା ଗାନ୍ଧୀ ଆମ ପରି ଜଣେ ନଶ୍ୱର ମଣିଷ ଥିଲେ। କିନ୍ତୁ ଏତେ ସଚେତନ, ସତର୍କ ଓ ସଂକଳ୍ପବଦ୍ଧ ଥିଲେ ଯେ, ମାନବିକ ଉତ୍କର୍ଷର ଏକ ମାନଦଣ୍ଡ ପାଲଟିଗଲେ। ଭାରତର ରାଜନୈତିକ ସ୍ୱାଧୀନତା ସଂଗ୍ରାମକୁ ସେ ଏପରି ଭାବେ ଗଢ଼ିଥିଲେ ଯେ, ତାହା ସମସ୍ତ ମଣିଷଙ୍କ ସବୁ ପ୍ରକାର ସ୍ୱାଧୀନତା ଲାଗି ଏକ ମହାଯଜ୍ଞରେ ପରିଣତ ହୋଇଥିଲା। ୧୯୧୫ ମସିହାର କଥା। ମୋହନଦାସ କରମଚନ୍ଦ ଗାନ୍ଧୀ ସେତେବେଳେ ଦକ୍ଷିଣ ଆଫ୍ରିକାରୁ ଭାରତକୁ ଫେରିଥାଆନ୍ତି। ନିଜ ସହିତ ଏକ ଅଦ୍ଭୁତ ଅସ୍ତ୍ର ନେଇ ଆସିଥାଆନ୍ତି, ଯାହାର ନାମ 'ସତ୍ୟାଗ୍ରହ'। ଏହି ଅସ୍ତ୍ରର ଚମତ୍କାରିତା ଦକ୍ଷିଣ ଆଫ୍ରିକା ଦେଖିସାରିଥିଲା ଏବଂ ଭାରତ ତାହା ବିଷୟରେ ଶୁଣିଥିଲା। ସେତେବେଳେ ଗାନ୍ଧୀ ଅହମଦାବାଦର କୋଚରବଠାରେ ନିଜର ଆଶ୍ରମ ପ୍ରତିଷ୍ଠା କରିବା ସହିତ ସାଥୀ ଓ ସହଯୋଗୀମାନଙ୍କୁ ଏକାଠି କରୁଥିଲେ। ଏହି ସମୟରେ ଜଣେ ଯୁବକ ତାଙ୍କ ପାଖକୁ ଆସିଲେ। ନାମ ଥିଲା ମହାଦେବ ଦେଶାଇ। ସେତେବେଳେ ଦୁହେଁ ପରସ୍ପରକୁ ଜାଣି ନ ଥିଲେ। ଗାନ୍ଧୀଙ୍କ ଖ୍ୟାତି ପ୍ରତି ଆକର୍ଷିତ ହୋଇ ମହାଦେବ ଦେଶାଇ ଆସିଥିଲେ ସେହି ଅସାଧାରଣ ମଣିଷଙ୍କୁ ଭେଟିବା ପାଇଁ। ତାଙ୍କୁ ଭେଟି ବ୍ରିଟିସ ଲେଖକ ଓ ରାଜନେତା ଜନ୍ ମର୍ଲେଙ୍କ ଏକ ପୁସ୍ତକ ସମ୍ପର୍କରେ ଆଲୋଚନା କରିବା ତାଙ୍କର ଉଦ୍ଦେଶ୍ୟ ଥିଲା। ପୁସ୍ତକଟିର ନାମ 'କମ୍ପ୍ରମାଇଜ'। ମହାଦେବ ଦେଶାଇ ସେତେବେଳେ ଏହି ପୁସ୍ତକ ଦ୍ୱାରା ବେଶ୍ ପ୍ରଭାବିତ ହୋଇଥିଲେ। ଏପରିକି ସେ ଏହାକୁ ଗୁଜରାଟୀ ଭାଷାରେ ଅନୁବାଦ ମଧ କରିସାରିଥିଲେ। ତାଙ୍କର ଇଚ୍ଛା ଥିଲା, ଲେଖକଙ୍କ ଅନୁମତି ନେଇ ଏହି ଅନୁବାଦ ପୁସ୍ତକଟିକୁ ପ୍ରକାଶ କରିବେ। ଗାନ୍ଧୀ ଜନ୍ ମର୍ଲେଙ୍କ ଦେଶରେ ପାଠ ପଢ଼ିଥିଲେ। ସେଠାକାର ବିଶିଷ୍ଟ ବ୍ୟକ୍ତିମାନେ ମଧ ତାଙ୍କୁ ଜାଣିଥିଲେ। ଏସବୁ ଜାଣି ମହାଦେବ ଦେଶାଇ ଭାବିଥିଲେ ଯେ, ଗାନ୍ଧୀ ହୁଏତ ତାଙ୍କୁ ଏହି ପୁସ୍ତକ ସମ୍ପର୍କରେ କିଛି ନୂଆ କଥା କହିପାରିବେ। ତାଙ୍କ ସହାୟତାରେ ସେ ଜନ୍ ମର୍ଲେଙ୍କ ସହ ଯୋଗାଯୋଗ ମଧ କରିପାରିବେ। ଗାନ୍ଧୀ ଯଦି ଅନୁରୋଧ କରନ୍ତି, ତେବେ ମର୍ଲେ ନିଶ୍ଚୟ ଅନୁବାଦ ଓ ପ୍ରକାଶନ ପାଇଁ ଅନୁମତି ଦେଇଦେବେ। ଏ ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ୍ ଚାଲିଥିଲା। ଗାନ୍ଧୀ ପୁସ୍ତକଟି ସମ୍ପର୍କରେ ଜାଣିଥିଲେ। ଏହା ଏକ ଉତ୍କୃଷ୍ଟ ରଚନା ବୋଲି ମଧ ସେ ସ୍ୱୀକାର କରିଥିଲେ। ଏପରିକି ନିଜର ସୁପାରିସ ସହିତ ଜନ୍ ମର୍ଲେଙ୍କୁ ଚିଠି ଲେଖିବା ପାଇଁ ମଧ ରାଜି ହୋଇଥିଲେ। କିନ୍ତୁ ଏହା ଭିତରେ ଗୋଟିଏ ସମସ୍ୟା ରହିଯାଇଥିଲା। ମହାଦେବ ଦେଶାଇ ଅନୁବାଦ ଓ ପ୍ରକାଶନ ପାଇଁ ଅନୁମତି ମାଗିବା ଉଦ୍ଦେଶ୍ୟରେ ଜନ୍ ମର୍ଲେଙ୍କ ନିକଟକୁ ଯେଉଁ ଚିଠି ପ୍ରସ୍ତୁତ କରିଥିଲେ, ତାହା ଗାନ୍ଧୀଙ୍କୁ ଦେଖାଇଲେ। ଗାନ୍ଧୀ ଚିଠିଟି ପଢ଼ି ବିରକ୍ତି ପ୍ରକାଶ କରି କହିଲେ: "ଏ କ'ଣ ଲେଖିଛ ତୁମେ? ଏତେ ଅଳଙ୍କାରପୂର୍ଣ୍ଣ ଭାଷାରେ ଏପରି ଯାଚନା କରିବାର ଆବଶ୍ୟକତା କ'ଣ ଅଛି ଭାଇ? ମର୍ଲେ ଗୋଟିଏ ବହି ଲେଖିଛନ୍ତି। ତୁମକୁ ସେହି ବହି ଭଲ ଲାଗିଛି। ତୁମେ ଗୁଜରାଟୀ ଭଳି ଏକ ଉତ୍କୃଷ୍ଟ ଭାଷାରେ ତାହାର ଅନୁବାଦ କରିଛ। ଏଥିପାଇଁ ମର୍ଲେ ସାହେବ ଆନନ୍ଦିତ ହେବା ସହିତ ତୁମ ପ୍ରତି କୃତଜ୍ଞ ହେବା ଉଚିତ। ତୁମେ ତାଙ୍କ ପୁସ୍ତକକୁ ଏପରି ଏକ ଭାଷାର ପାଠକମାନଙ୍କ ନିକଟରେ ପହଚାଂଉଛ, ଯାହା ସମ୍ପର୍କରେ ହୁଏତ ସେ କଳ୍ପନା ମଧ କରି ନ ଥିବେ। ତେବେ ଏପରି ଚାଟୁକାରିତାପୂର୍ଣ୍ଣ ଭାଷା କାହିଁକି? ଆମେ ଗୋଲାମି ମାନସିକତାରେ ଏତେ ଗଭୀର ଭାବେ ବୁଡ଼ି ରହିଛୁ ଯେ, ଅହଂକାର ଓ ସ୍ୱାଭିମାନ ମଧରେ ଥିବା ପାର୍ଥକ୍ୟକୁ ମଧ ଭୁଲିଯାଇଛୁ। ନାହିଁ ମହାଦେବ, ଆମେ ଏପରି ଚିଠି ଲେଖିବା ନାହିଁ।" ମହାଦେବ ଦେଶାଇ ସ୍ତବ୍ଧ ହୋଇ ଗାନ୍ଧୀଙ୍କ କଥା ଶୁଣୁଥିଲେ। ଅହଂକାର ଓ ସ୍ୱାଭିମାନ ମଧରେ ଏକ ଗଭୀର ପାର୍ଥକ୍ୟ ରହିଛି। ସାମ୍ନାରେ ଯିଏ ବି ଥାଆନ୍ତୁ - ବଡ଼ ହୁଅନ୍ତୁ ଅବା ସାନ, ଧନୀ ହୁଅନ୍ତୁ ଅବା ଗରିବ, ବିଦ୍ୱାନ ହୁଅନ୍ତୁ ଅବା ନିରକ୍ଷର - ସମସ୍ତଙ୍କ ସହିତ ବିନମ୍ରତାର ସହ ବ୍ୟବହାର କରିବା ଉଚିତ। କିନ୍ତୁ ଯେଉଁଠି ବିନମ୍ରତାକୁ ହୀନତା ଓ ଦୀନତା ବୋଲି ବିଚାର କରାଯାଏ, ସେଠାରେ ମୁଣ୍ଡ ଟେକି ଦୃଢ଼ ଭାବରେ ଠିଆ ହେବା ଉଚିତ। ସ୍ୱାଭିମାନ ସହିତ କେବେ ବି ସାଲିସ କରାଯାଇପାରିବ ନାହିଁ- ଏହି ଉପଲବ୍ଧି ହିଁ ସ୍ୱାଧୀନତାର ପ୍ରଥମ ପାହାଚ। ଶେଷରେ ଚିଠିଟିକୁ ବଦଳାଗଲା। ଏଥିରେ ସିଧାସଳଖ ଭାବରେ ଅନୁରୋଧ କରାଗଲା ଯେ, ଆପଣଙ୍କର ଏହି ଉତ୍କୃଷ୍ଟ କୃତିକୁ ଗୁଜରାଟୀ ଭାଷାରେ ଅନୁବାଦ ଓ ପ୍ରକାଶନ ପାଇଁ ଅନୁମତି ଚାହୁଛି। ପରବର୍ତ୍ତୀ ସମୟରେ ମହାଦେବ ଓ ବାପୁଙ୍କ ମଧରେ ଯେଉଁ ଅନନ୍ୟ ସମ୍ପର୍କ ଗଢ଼ିଉଠିଥିଲା, ତାହାର ମୂଳଦୁଆ ଏହିଠାରେ ହିଁ ପଡ଼ିଥିଲା। ଗାନ୍ଧୀଙ୍କ ସହଯୋଗୀ ମଣ୍ଡଳୀରେ ଆଉ ଜଣେ ବିଶିଷ୍ଟ ବ୍ୟକ୍ତି ଥିଲେ ଭାଷାବିତ୍, ଲେଖକ ଓ ଚିନ୍ତକ କାକା କାଲେଲକର। ମହାଦେବ ଦେଶାଇଙ୍କ ଏହି ଘଟଣାର ପ୍ରାୟ ସାତ-ଆଠ ବର୍ଷ ପରେ, ଅର୍ଥାତ୍ ୧୯୨୨ ମସିହାରେ ତାଙ୍କୁ ମହାତ୍ମା ଗାନ୍ଧୀଙ୍କର ଆଉ ଏକ ଭିନ୍ନ ରୂପ ଦେଖିବାକୁ ମିଳିଥିଲା। ସେତେବେଳକୁ ଗାନ୍ଧୀ ସ୍ୱାଧୀନତା ସଂଗ୍ରାମର ସମସ୍ତ ଦାୟିତ୍ୱ ନିଜ ହାତକୁ ନେଇ ଦେଶର ଚେତନାର ପ୍ରତ୍ୟେକ ଶିରାପ୍ରଶିରାରେ ପ୍ରବାହିତ ହେବାକୁ ଲାଗିଥିଲେ। କାକା ସାହେବ ମରାଠୀ ଭାଷାଭାଷୀ ଥିଲେ। ସେ ଗାନ୍ଧୀଙ୍କ ପାଇଁ ଏକ 'ଷ୍ଟେପ୍‌ନି ଟାୟାର' ଭଳି ଥିଲେ। ସେ ଲେଖିଛନ୍ତି- "ମୁଁ ଯେତେବେଳେ ଗାନ୍ଧୀଜୀଙ୍କ ଆଶ୍ରମକୁ ଯାଇଥିଲି, ସେତେବେଳେ ମୋତେ ନା ଗୁଜରାଟୀ ଆସୁଥିଲା, ନା ହିନ୍ଦୀ। ଏହି ଦୁଇଟି ଭାଷା ମୁଁ ଶୁଣିଥିଲି ସତ, କିନ୍ତୁ ସେଥିରେ କଥା କହିବା କିମ୍ବା ଲେଖିବାର ସାମାନ୍ୟତମ ଅଭ୍ୟାସ ମଧ ନ ଥିଲା। ତଥାପି ମୁଁ ଗୁଜରାଟ ବିଦ୍ୟାପୀଠରେ ହିନ୍ଦୀରେ ପାଠ ପଢ଼ାଉଥିଲି। କାରଣ ସେଠାରେ ମୋ ଯେତିକି ହିନ୍ଦୀ ଜ୍ଞାନ ଥିଲା, ସେତିକି ମଧ ଆଉ କାହାର ନ ଥିଲା। "ପରେ ଟିକିଏ ସାହସ ଆସିବାରୁ ମୁଁ ଗୁଜରାଟୀରେ କଥା କହିବାକୁ ଲାଗିଲି। ଏହାପରେ ଏପରି ମଧ ହେଲା ଯେ, 'ନବଜୀବନ' ପତ୍ରିକାରେ ଗୋଟିଏ କିମ୍ବା ଦୁଇଟି ସ୍ତମ୍ଭ ପାଇଁ ଲେଖାର ଅଭାବ ପଡ଼ିଲେ ସ୍ୱାମୀ ଆନନ୍ଦ ମୋଠାରୁ କିଛି ଲେଖାଇ ନେଉଥିଲେ। ତାହାକୁ ସଂଶୋଧନ କରି ପ୍ରକାଶ କରୁଥିଲେ। "ଏହାପରେ ଆସିଲା ୧୯୨୨ ମସିହା। ବାପୁ ଜେଲ୍ ଚାଲିଗଲେ। ସେତେବେଳେ 'ନବଜୀବନ'ର ସମ୍ପୂର୍ଣ୍ଣ ଦାୟିତ୍ୱ ମୋ ଉପରେ ପଡ଼ିଲା। ମୋତେ ହିଁ ପତ୍ରିକା ପାଇଁ ଲେଖା ଯୋଗାଡ଼ କରିବାକୁ ପଡୁଥିଲା। "ଜେଲ୍‌ରେ ଥିବାବେଳେ ବାପୁ କାହାଠାରୁ ଶୁଣିଲେ ଯେ, ମୁଁ 'ନବଜୀବନ'କୁ ଭଲ ଭାବରେ ସମ୍ଭାଳୁଛି। ଦିନେ ତାଙ୍କଠାରୁ ଗୋଟିଏ ଚିଠି ଆସିଲା। ସେଥିରେ ଲେଖା ଥିଲା- "ଇଂରେଜୀ ଶବ୍ଦଗୁଡ଼ିକର ବନାନ ଯେପରି ନିର୍ଦ୍ଦିଷ୍ଟ, ଗୁଜରାଟୀରେ ସେପରି ନୁହେଁ। ମରାଠୀ, ବଙ୍ଗଳା, ତାମିଲ, ଉର୍ଦ୍ଦୁ ଆଦି ଭାଷାରେ ମଧ ମୁଁ ଶୁଦ୍ଧ ବନାନ ପ୍ରତି ଗୁରୁତ୍ୱ ଦିଆଯାଉଥିବା ଦେଖିଛି। ଗୁଜରାଟୀ ଏପରି ଏକମାତ୍ର ଭାଷା, ଯେଉଁଥିରେ ଯାହାର ମନକୁ ଯେପରି ଆସେ, ସେ ସେହିପରି ବନାନ ଲେଖିଦିଏ। ଏଥିପାଇଁ ଗୁଜରାଟୀ ଭାଷା ଭୂତ ଭଳି ହୋଇଯାଇଛି। ଏହି ଦୁରବସ୍ଥାକୁ ଦୂର କରିବା କାମ ଯଦି ତୁମର ନୁହେଁ, ତେବେ ଆଉ କାହାର? "ମୋତେ ଏପରି ଏକ ଅଭିଧାନ ପ୍ରସ୍ତୁତ କରିଦିଅ, ଯେଉଁଥିରେ ଗୁଜରାଟୀ ଭାଷାର ସମସ୍ତ ଶବ୍ଦ ଥିବ ଏବଂ ପ୍ରତ୍ୟେକ ଶବ୍ଦର ବନାନ ନିୟମ ଅନୁସାରେ ଶୁଦ୍ଧ ଭାବରେ ଲେଖାଯାଇଥିବ। ଯଦି କୌଣସି ଗୁଜରାଟୀ ବ୍ୟକ୍ତିଙ୍କ ମନରେ କୌଣସି ଶବ୍ଦର ବନାନକୁ ନେଇ ସନ୍ଦେହ ସୃଷ୍ଟି ହୁଏ, ତେବେ ସେ ତୁମ ଅଭିଧାନ ଦେଖି ତାହାର ଶୁଦ୍ଧ ବନାନ ଜାଣିପାରିବେ ଓ ଲେଖିପାରିବେ।" "ବାପୁଙ୍କଠାରୁ ଏପରି ଚିଠି ପାଇ ମୁଁ ଆଶ୍ଚର୍ଯ୍ୟଚକିତ ହୋଇଗଲି। ଜେଲ୍‌ରୁ ମୁକୁଳିବା ପରେ ତାଙ୍କ ସହିତ ଦେଖା ହେବାରୁ ମୁଁ କହିଲି- "ବାପୁଜୀ, ଆପଣ ମୋଠାରୁ ଏ କି ପ୍ରକାର ଆଶା ରଖିଛନ୍ତି? ଗୁଜରାଟୀ ମୋର ମାତୃଭାଷା ନୁହେଁ କିମ୍ବା ମୁଁ ଏହାର ସାହିତ୍ୟ ସମ୍ପର୍କରେ ମଧ ବିଶେଷ କିଛି ଜାଣିନାହିଁ। ଏପରିକି ମୁଁ ଏହାର ବ୍ୟାକରଣ ମଧ ଜାଣିନାହିଁ!" "ବାପୁ କହିଲେ, "ହଁ, ହଁ, ଏସବୁ ତ ଠିକ୍ ଅଛି। କିନ୍ତୁ ମୁଁ କେବେ କହିଛି ଯେ, ଏସବୁ କାମ ତୁମକୁ ଏକୁଟିଆ କରିବାକୁ ହେବ? ଯାହାର ସାହାଯ୍ୟ ଦରକାର, ନିଅ। ଯାହା ଦ୍ୱାରା ଏହି କାମ କରାଇପାରିବ, ତାଙ୍କ ଦ୍ୱାରା କରାଅ। ମୁଁ ତ ଏହି କାମର ଦାୟିତ୍ୱ ତୁମକୁ ଦେଇଛି ଏବଂ ତୁମକୁ ହିଁ ଏହାର ହିସାବ ମାଗିବି। ଏହି କାମର ଗୁରୁତ୍ୱ ତୁମେ ବୁଝୁଛ ନା? ତେବେ ଏପରି ଏକ ନିର୍ଭୁଲ୍ ଅଭିଧାନ ପ୍ରସ୍ତୁତ କର, ଯେଉଁଥିରେ ଗୋଟିଏ ହେଲେ ଭୁଲ୍ ନ ଥିବ। ଏହାଦ୍ୱାରା ଗୁଜରାଟୀ ଶବ୍ଦଗୁଡ଼ିକର ବନାନକୁ ବ୍ୟବସ୍ଥିତ କରିଦିଅ। ଏହି କାମ ତୁମର।" "ମହାଦେବ ଭାଇ, ନରହରି ଭାଇ ଓ ମୁଁ- ଏହିପରି ତିନିଜଣଙ୍କୁ ନେଇ ଗୋଟିଏ କମିଟି ଗଠନ କଲୁ। ଅନ୍ୟ ଯେଉଁମାନେ ଯେତେବେଳେ ମିଳିଲେ, ସେମାନଙ୍କ ସାହାଯ୍ୟ ମଧ ନେଲୁ। ୫ ବର୍ଷର କଠିନ ପରିଶ୍ରମ ପରେ ବାପୁଙ୍କୁ ଏକ ଶୁଦ୍ଧ 'ଜୋଡ଼ଣୀ କୋଷ' ବା ବନାନ ଅଭିଧାନ ଅର୍ପଣ କଲୁ। "ବାପୁ ଅତ୍ୟନ୍ତ ସନ୍ତୁଷ୍ଟ ହେଲେ। 'ନବଜୀବନ'ରେ ସେ ଲେଖିଲେ, "ଏଣିକି ଗୁଜରାଟୀରେ ମନଇଚ୍ଛା ବନାନ ଲେଖିବାର ଅଧିକାର ଆଉ କାହାର ନାହିଁ।" ଗାନ୍ଧୀ ଆଜି ମଧ ଯେପରି କେଉଁଠି ଦୂରରେ ଠିଆ ହୋଇ କହୁଛନ୍ତି, "ନାହିଁ, ଜଣେ ସ୍ୱାଧୀନ ମଣିଷ ଅନ୍ୟ ଜଣେ ମଣିଷକୁ ଏପରି ଅସମ୍ମାନ କିପରି କରିପାରିବ? ସ୍ୱାଧୀନତାର ଅର୍ଥ କୌଣସି କ୍ଷମତାର ଆସନରେ ବସିବାର ଲାଳସା ନୁହେଁ, କ୍ଷମତାର ଆସନଗୁଡ଼ିକ ସୃଷ୍ଟି କରୁଥିବା ଭୟ ଓ ଆତଙ୍କରୁ ମୁକ୍ତ ହେବାର ନାମ ହିଁ ସ୍ୱାଧୀନତା। ଆଜି ଆମ ଦେଶରେ କେହି ଏପରି କଥା ଚିନ୍ତା ସୁଦ୍ଧା କରୁଛନ୍ତି କି?

ରହସ୍ୟର ଖିଅ

ଜିମ୍ବାର୍ଡୋ ଏହାଦ୍ୱାରା ଏକ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ମନୁଷ୍ୟର ମୌଳିକ ଚରିତ୍ର ଅନୁସାରେ ଯେ କୌଣସି ଲୋକକୁ ଯଦି ଏକ ପଦ, ଏକ ୟୁନିଫର୍ମ ଓ ନିରଙ୍କୁଶ କ୍ଷମତା ପ୍ରଦାନ କରାଯାଏ, ତା'ର ଆଚରଣ ନାତ୍‌ସି କନ୍‌ସେଟ୍ରେଂସନ୍ କ୍ୟାମ୍ପର ନିର୍ମମ ଗାର୍ଡମାନଙ୍କ ଭଳି ହୋଇଯିବ। ଏହାକୁ ପ୍ରତିହତ କରିବାର ଏକମାତ୍ର ଉପାୟ ହେଉଛି କ୍ଷମତାରେ ଅଙ୍କୁଶ ଲଗାଇବା। ବର୍ତ୍ତମାନ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଚାଂଚଲ୍ୟ ସୃଷ୍ଟି କରିଥିବା ଭୁବନେଶ୍ୱରର ଭରତପୁର ଥାନାରେ ଜଣେ ସେନାବାହିନୀ ଅଫିସର୍ ଓ ତାଙ୍କ ବାନ୍ଧବୀ ସମ୍ମୁଖୀନ ହୋଇଥିବା ପୁଲିସ ଦ୍ୱାରା ନିର୍ଯାତନାର ଅଭିଯୋଗ ('ବିବିସି'ର ୱେବ୍‌ସାଇଟ୍‌ରେ ଏ ଘଟଣାର ଏକ ଲୋମହର୍ଷଣକାରୀ ବର୍ଣ୍ଣନା ପ୍ରସାରିତ ହୋଇଛି) ପଛରେ ନିହିତ ଥିବା କାରଣ ବୁଝିବା ପାଇଁ ବର୍ତ୍ତମାନ ଏକ ଉପଯୋଗୀ ଖିଅ ଜନସାଧାରଣଙ୍କ ସମ୍ମୁଖରେ ଉପଲବ୍ଧ ହୋଇଛି। ଏହି ଖିଅଟି ହେଉଛି ଗତ ଶୁକ୍ରବାର ଦିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାପାଳମାନଙ୍କ ସମ୍ମିଳନୀରେ ସେମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ବର୍ଣ୍ଣନା କରିଥିବା ଏକ ପୁଲିସ ଥାନାରେ ତାଙ୍କ ନିଜର ଏକ ଅପେକ୍ଷାକୃତ ତାଜା ଅନୁଭୂତି। ଜାତୀୟ ଗଣମାଧ୍ୟମରେ ପ୍ରସାରିତ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କର ଏହି ବର୍ଣ୍ଣନା ଅନୁସାରେ ସେ ମୁଖ୍ୟମନ୍ତ୍ରୀ ରୂପେ ଆସୀନ ହେବାର ମାତ୍ର ପ୍ରାୟ ମାସକ ପୂର୍ବେ ସେ ପିଇବା ପାଣି ଅଭାବ ବିରୁଦ୍ଧରେ ଆନ୍ଦୋଳନର ଅଂଶ ସ୍ୱରୂପ ଘଟିଥିବା ରାସ୍ତା ଅବରୋଧର ସମାଧାନ ନିମିତ ସ୍ଥାନୀୟ ଥାନାରେ ପହଂଚିଥିଲେ। ସେତେବେଳେ ସେ ଜଣେ ବିଧାୟକ ଥିବା ସହିତ ଆସନ୍ନ ବିଧାନସଭା ନିର୍ବାଚନରେ ମଧ ଜଣେ ପ୍ରାର୍ଥୀ ଥିଲେ। ଥାନାବାବୁ ଜଣକ କିନ୍ତୁ ଏଥି ସନ୍ଦେ ଶ୍ରୀଯୁକ୍ତ ମାଝୀଙ୍କୁ ଥାନା ପରିସରରୁ ବାହାରି ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ନିର୍ଦ୍ଦେଶ ପାଳନ ନ କଲେ ତାଙ୍କୁ ଗିରଫ କରାଯିବ ବୋଲି ଧମକ ଦେଇଥିଲେ। ଥାନାବାବୁଙ୍କର ଏତାଦୃଶ ଆଚରଣ ବିରୋଧରେ ପ୍ରତିବାଦ ସ୍ୱରୂପ ବିଧାୟକ ଶ୍ରୀଯୁକ୍ତ ମାଝୀ ଥାନା ବାହାରେ ଧାରଣାରେ ବସିଥିଲେ। ଭରତପୁର ଥାନାରେ ଅଭିଯୋଗ କରିବାକୁ ଯାଇ ସେନାବାହିନୀ ଅଫିସର୍ ଓ ତାଙ୍କର ବାନ୍ଧବୀ ପୁଲିସ ତରଫରୁ ଯେଉଁଭଳି ଆଚରଣର ସମ୍ମୁଖୀନ ହୋଇଥିବା ଅଭିଯୋଗ କରିଛନ୍ତି, ତାହା ଯେ ବିଧାୟକ ମାଝୀଙ୍କର ସେଇ ଅନୁଭୂତିର ଏକ ତୀବ୍ରତର ସଂସ୍କରଣ, ଏହା ଜଳଜଳ ହୋଇ ଦେଖାଯାଇଥାଏ। ଏ ଉଭୟ ଘଟଣାରେ କାରଣର ଯେଉଁ ସମାନ ଖିଅଟି ସ୍ପଷ୍ଟ ହୋଇ ଦେଖାଯାଇଥାଏ, ତାହା ହେଉଛି ପୁଲିସର ଆଚରଣ ସଂସ୍କୃତି। ଦୀର୍ଘ ପ୍ରାୟ ଚଉଠ ଶତାବ୍ଦୀ ଧରି ପରିପୁଷ୍ଟ ହୋଇଥିବା ଏହି ସଂସ୍କୃତି ଶ୍ରୀଯୁକ୍ତ ମାଝୀଙ୍କର ମାତ୍ର ପ୍ରାୟ ତିନି ମାସର ଶାସନ କାଳରେ ବଦଳିଯିବା ସମ୍ଭବ ନୁହେଁ। ବିଧାୟକ ମାଝୀ ଯେଉଁ ସଂସ୍କୃତିର ଶିକାର ହୋଇଥିଲେ, ସେନା ଅଧିକାରୀ ଓ ତାଙ୍କ ବାନ୍ଧବୀ ସେଇ ସଂସ୍କୃତିର ହିଁ ଶିକାର ହୋଇଛନ୍ତି। ଏହି ସଂସ୍କୃତିଟି କ'ଣ? ଏହି ସଂସ୍କୃତି ହେଲା କ୍ଷମତାର ପୋଷାକ ବା ୟୁନିଫର୍ମ ପରିଧାନ କଲେ ସଂପୃକ୍ତ ବ୍ୟକ୍ତି କ୍ଷମତାନ୍ଧ ହୋଇ ମାନବିକତା ହରାଇଥାନ୍ତି। ଏହି ପରିପ୍ରେକ୍ଷୀରେ ଗତ ଗୁରୁବାର ଏହି ସମ୍ବାଦପତ୍ରରେ ପ୍ରକାଶିତ 'ରୁଗ୍ଣ ମାନସିକତା' ଶୀର୍ଷକ ରଚନାରେ ବର୍ଣ୍ଣିତ ସ୍ତମ୍ଭକାରଙ୍କର ଏକ ଅନୁଭୂତି ଏଠାରେ ଉଲ୍ଲେଖଯୋଗ୍ୟ। ସେଥିରେ ସେ ଅନେକ ବର୍ଷ ତଳେ କାଶୀପୁରର ବିବାଦୀୟ ଆଲୁମିନିଅମ୍ କାରଖାନା ସଂପର୍କରେ ରିପୋର୍ଟିଂ କରିବାକୁ ତାଙ୍କର ଜଣେ ମହିଳା ସହକର୍ମୀଙ୍କ ସହିତ ଯାଇଥିବା ବେଳେ ସଂପୃକ୍ତ କଂପାନି ଦ୍ୱାରା ନିୟୋଜିତ କେତେକ ଅସାମାଜିକ ଯୁବକମାନଙ୍କ ହାବୁଡ଼ରେ ପଡ଼ିଥିବା ଅନୁଭୂତି ବର୍ଣ୍ଣନା କରିଛନ୍ତି। ସେ ସ୍ୱୀକାର କରିଛନ୍ତି ଯେ ସେ ଯୁବକମାନଙ୍କର ମୁକାବିଲା କରିବା ପୂର୍ବରୁ, ତାଙ୍କର ସେଇ ମହିଳା ସହକର୍ମୀଙ୍କର ପ୍ରଶ୍ନବାଣରେ ଘାଇଲା ହୋଇ ସେ ଅସାମାଜିକ ଯୁବକମାନେ ସେଠାରୁ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲେ। ଏଠାରେ ସ୍ତମ୍ଭକାରଙ୍କର ସେଇ ଅନୁଭୂତି ଉଲ୍ଲେଖ କରିବାର କାରଣ ହେଲା, ସେ ଓ ତାଙ୍କର ସେ ମହିଳା ସହକର୍ମୀ ସେଦିନ ଭାଗ୍ୟବାନ ଥିଲେ ଯେ ସେଠାରେ ସେମାନଙ୍କର ସେ ପ୍ରତିପକ୍ଷ ପୁଲିସର ୟୁନିଫର୍ମ ପିନ୍ଧି ନ ଥିଲେ ଏବଂ ସେମାନେ କୌଣସି ଔପଚାରିକ ବଳ ପ୍ରୟୋଗକାରୀ କ୍ଷମତାର ଅଧିକାରୀ ନ ଥିଲେ। ଅନ୍ୟ ଉପରେ ବଳ ପ୍ରୟୋଗ କରିବାର ଔପଚାରିକ କ୍ଷମତା ଉପଭୋଗ କରୁଥିବା ପ୍ରତିପକ୍ଷକୁ ଯେ ପ୍ରଶ୍ନବାଣରେ ଘାଇଲା କରିବା ସହଜ ନୁହେଁ, ତାହା ଭରତପୁର ଥାନା ଘଟଣାରେ ପ୍ରମାଣିତ ହୋଇଛି। ଏଭଳି କ୍ଷମତା କିଭଳି ସାଧାରଣ ମନୁଷ୍ୟକୁ ରାକ୍ଷସରେ ପରିଣତ କରିଦେଇପାରେ, ତା'ର ଚରମ ଉଦାହରଣ ଦେଖିବାକୁ ମିଳିଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଟ୍‌ଲରଙ୍କ ଦ୍ୱାରା ସୃଷ୍ଟ ଇହୁଦୀମାନଙ୍କର ଗଣହତ୍ୟା ପାଇଁ ଉଦ୍ଦିଷ୍ଟ ନାତ୍‌ସି କନ୍‌ସେଟ୍ରେଂସନ୍ କ୍ୟାମ୍ପମାନଙ୍କରେ। ଏହି କ୍ୟାମ୍ପମାନଙ୍କରେ ମୃତ୍ୟୁକୁ ଅପେକ୍ଷା କରିଥିବା ବନ୍ଦୀମାନଙ୍କୁ ଜଗିବା ଦାୟିତ୍ୱ ନ୍ୟସ୍ତ ଥିଲା ହିଟ୍‌ଲରଙ୍କର କୁଖ୍ୟାତ 'ଏସ୍‌ଏସ୍' ଗାର୍ଡମାନଙ୍କ ଉପରେ। କ୍ୟାମ୍ପ କର୍ତ୍ତୃପକ୍ଷ କିନ୍ତୁ ସେମାନଙ୍କର ଲୋକବଳ ଉପରେ ବୋଝ ହାଲୁକା କରିବା ପାଇଁ ଏକ ଚତୁର କୌଶଳ ଅବଲମ୍ବନ କରିଥିଲେ। ସେମାନେ ସେଇ ଇହୁଦୀ ବନ୍ଦୀମାନଙ୍କ ମଧ୍ୟରୁ କେତେକଙ୍କୁ ଚୟନ କରି ଅନ୍ୟ ବନ୍ଦୀମାନଙ୍କୁ ନିୟନ୍ତ୍ରଣ କରିବାର କ୍ଷମତା ସେମାନଙ୍କୁ ପ୍ରଦାନ କଲେ। ଦେଖାଗଲା ଏହି ସ୍ୱଜାତି ଜଗୁଆଳିମାନେ ବନ୍ଦୀମାନଙ୍କ ପ୍ରତି ଯେଉଁ ଆଚରଣ ପ୍ରଦର୍ଶନ କଲେ, ତାହା ନାତ୍‌ସି ଗାର୍ଡମାନେ ପ୍ରଦର୍ଶନ କରୁଥିବା ଆଚରଣ ଠାରୁ ବହୁଗୁଣ ଅଧିକ ନିଷ୍ଠୁର ଓ ବର୍ବର ଥିଲା। ସୂଚାଇବା ଅପ୍ରାସଙ୍ଗିକ ହେବ ନାହିଁ ଯେ 'କାପୋ' ନାମରେ ପରିଚିତ ଏହି ଇହୁଦୀ ଗାର୍ଡମାନେ ଉପଭୋଗ କରୁଥିବା ଏହି ବିଶେଷ କ୍ଷମତାର ପରିଚାୟକ ଥିଲା ସେମାନଙ୍କର ପୋଷାକରେ ଲାଗିଥିବା ଏକ ସବୁଜ ତ୍ରିଭୁଜର ଚିହ୍ନ-କ୍ଷମତାର ୟୁନିଫର୍ମ। ନାତ୍‌ସି କନ୍‌ସେଟ୍ରୋଂସନ୍ କ୍ୟାମ୍ପରେ ପରିଦୃଷ୍ଟ ଏହି ଅମାନୁଷିକ ବର୍ବରତା ବିଶ୍ୱଯୁଦ୍ଧ ପରେ ମନସ୍ତତ୍ୱବିତ୍‌ମାନଙ୍କୁ ଏପରି ଆନ୍ଦୋଳିତ କରିଥିଲା ଯେ ସେମାନେ ମନୁଷ୍ୟ ଚରିତ୍ରର ଏହି ରହସ୍ୟମୟ ଦିଗ ଉପରେ ବିଭିନ୍ନ ପରୀକ୍ଷାନିରୀକ୍ଷା ଚଳାଇ ଏହି ରହସ୍ୟର ଉନ୍ମୋଚନ କରିବାକୁ ଚେଷ୍ଟା କରିଥିଲେ। ସେମାନେ ଦେଖିବାକୁ ଚାହିଁଥିଲେ ଏକ ନିୟନ୍ତ୍ରିତ ପରିବେଶରେ ଜଣେ ସାଧାରଣ ବ୍ୟକ୍ତିଙ୍କୁ ଯଦି ଏକ ପଦ, ଏକ ୟୁନିଫର୍ମ ଓ ଅବାଧ କ୍ଷମତା ପ୍ରଦାନ କରାଯାଏ, ତା'ର ଚରିତ୍ର ଓ ଆଚରଣରେ କିଭଳି ପରିବର୍ତ୍ତନ ଘଟିବ। ବୋଧହୁଏ ଏହିଭଳି ଏକ ସର୍ବାଧିକ ପ୍ରସିଦ୍ଧ ପରୀକ୍ଷା ଆୟୋଜିତ ହୋଇଥିଲା ୧୯୭୧ରେ ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ମନୋବୈଜ୍ଞାନିକ ଫିଲିପ୍ ଜିମ୍ବାର୍ଡୋଙ୍କ ଦ୍ୱାରା। ଏହି ପରୀକ୍ଷାରେ ଜିମ୍ବାର୍ଡୋ ୭୫ ଜଣ ପ୍ରାପ୍ତବୟସ୍କ ପୁରୁଷଙ୍କୁ ଦୁଇଟି ଦଳରେ ବିଭକ୍ତ କରି ସେମାନଙ୍କୁ ଏକ ନକଲି ବନ୍ଦୀଶାଳା ଭଳି ପରିବେଶରେ ଅଟକାଇ ରଖିଲେ। ସେମାନଙ୍କ ମଧ୍ୟରୁ ୨୪ ଜଣଙ୍କୁ ନକଲି ଗାର୍ଡର ଭୂମିକା ପ୍ରଦାନ କରାଗଲା ଓ ବାକିମାନଙ୍କୁ ବନ୍ଦୀର ଭୂମିକା ପ୍ରଦାନ କରାଗଲା। ଏହି ପରୀକ୍ଷା ଦୁଇ ସପ୍ତାହ ଧରି ଚଳାଇବା ପାଇଁ ଜିମ୍ବାର୍ଡୋ ଯୋଜନା କରିଥିଲେ, କିନ୍ତୁ ମାତ୍ର ଛ'ଦିନ ପରେ ସେ ପରୀକ୍ଷା ବନ୍ଦ କରିବାକୁ ବାଧ ହେଲେ। ଏହାର କାରଣ, ତଥାକଥିତ ଗାର୍ଡମାନେ ତଥାକଥିତ ବନ୍ଦୀମାନଙ୍କ ପ୍ରତି ଏପରି ଅମାନୁଷିକ ଆଚରଣ ପ୍ରଦର୍ଶନ କରିବାକୁ ଆରମ୍ଭ କଲେ, ଯାହା କ୍ରମେ ବିପଜ୍ଜନକ ହୋଇ ଉଠିଲା। ଜିମ୍ବାର୍ଡୋ ଏହାଦ୍ୱାରା ଏକ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ମନୁଷ୍ୟର ମୌଳିକ ଚରିତ୍ର ଅନୁସାରେ ଯେ କୌଣସି ଲୋକକୁ ଯଦି ଏକ ପଦ, ଏକ ୟୁନିଫର୍ମ ଓ ନିରଙ୍କୁଶ କ୍ଷମତା ପ୍ରଦାନ କରାଯାଏ, ତା'ର ଆଚରଣ ନାତ୍‌ସି କନ୍‌ସେଟ୍ରେସନ୍ କ୍ୟାମ୍ପର ନିର୍ମମ ଗାର୍ଡମାନଙ୍କ ଭଳି ହୋଇଯିବ। ଏହାକୁ ପ୍ରତିହତ କରିବାର ଏକମାତ୍ର ଉପାୟ ହେଉଛି କ୍ଷମତାରେ ଅଙ୍କୁଶ ଲଗାଇବା। ଆଶା କରାଯାଏ ମୁଖ୍ୟମନ୍ତ୍ରୀ ନିଜ ଅନୁଭୂତିରୁ ଏହା ଶିକ୍ଷା କରିଥିବେ ଓ ଆଗାମୀ ଦିନରେ ତାହା କାର୍ଯ୍ୟକାରୀ କରିବେ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003

ସମ୍ବଲପୁରକୁ ମସଲା ଉତ୍ପାଦନ ଓ ସଂସ୍କରଣର ପ୍ରମୁଖ କେନ୍ଦ୍ର କରିବା ଲକ୍ଷ୍ୟ

ସମ୍ବଲପୁର,୨୯/୧୦(ନି/ପ୍ର): ସମ୍ବଲପୁର ଜିଲ୍ଲାକୁ ରାଜ୍ୟର ପ୍ରମୁଖ ମସଲା ଉତ୍ପାଦନ, ସଂସ୍କରଣ ଓ ବାଣିଜ୍ୟିକ କେନ୍ଦ୍ର ଭାବେ ବିକଶିତ କରିବା ଲକ୍ଷ୍ୟରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଯାଇଛି। ବୈଠକରେ କୁଚିଣ୍ଡା ଉପଜିଲ୍ଲାପାଳ ସି. ସରବଣନ୍, ଭାରତୀୟ ମସଲା ବୋର୍ଡର ବରିଷ୍ଠ କର୍ମକର୍ତ୍ତା ଓ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। 'ସମ୍ବଲପୁର ମସଲା ବିକାଶ ଯୋଜନା' ଅଧୀନରେ ଚାଷୀଙ୍କ ଆୟ ବୃଦ୍ଧି ଏବଂ ମସଲା ଉତ୍ପାଦନ କ୍ଷେତ୍ରରେ ଜିଲ୍ଲାକୁ ସ୍ୱତନ୍ତ୍ର ପରିଚୟ ଦେବା ପାଇଁ ୫ ବର୍ଷିଆ କାର୍ଯ୍ୟଖସଡ଼ା ପ୍ରସ୍ତୁତ ହୋଇଛି। ଭାରତୀୟ ମସଲା ବୋର୍ଡର ସହଯୋଗରେ ଲଙ୍କା ଚାଷକୁ ବ୍ୟାପକ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରକଳ୍ପ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ କୁଚିଣ୍ଡା ଉପଖଣ୍ଡର ଚାରିଟି ପଚାଂୟତକୁ ଏଥିରେ ସାମିଲ କରାଯିବ। ଜିଲ୍ଲାର ମୃତ୍ତିକା ସ୍ୱାସ୍ଥ୍ୟ, ଜଳବାୟୁ ଓ ଜଳସେଚନ ସୁବିଧା ଅନୁଧ୍ୟାନ କରି ବ୍ଲକୱାରୀ ହଳଦୀ, ଅଦା, ଲଙ୍କା ଓ ଧନିଆ ଭଳି ଲାଭଜନକ ମସଲା ଚାଷ ପାଇଁ ଉପଯୁକ୍ତ ଅଚଂଳ ଚିହ୍ନଟ କରାଯିବ। ପ୍ରତି ବ୍ଲକରେ ମସଲା କ୍ଲଷ୍ଟର ଗଠନ କରି ଏଥିରେ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ), ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଓ ଚାଷୀଙ୍କୁ ଯୋଡ଼ାଯିବ। ମସଲା ବୋର୍ଡ ଓ ଉଦ୍ୟାନ କୃଷି ବିଭାଗର ମିଳିତ ସହଯୋଗରେ ବୈଜ୍ଞାନିକ ଚାଷ ପ୍ରଣାଳୀ, ଉନ୍ନତ ବିହନ ଓ ସମନ୍ୱିତ କୀଟ ନିୟନ୍ତ୍ରଣ ଉପରେ ତାଲିମ ଦିଆଯିବ। ମସଲାର ମୂଲ୍ୟ ସଂଯୋଜନ ଓ ବ୍ରାଣ୍ଡିଂ ପାଇଁ ଅମଳ ପରବର୍ତ୍ତୀ ପରିଚାଳନା, ଶୁଖାଇବା, ଗ୍ରେଡ଼ିଂ, ସଂରକ୍ଷଣ ଓ ପ୍ରାଥମିକ ସଂସ୍କରଣର ଭିତ୍ତିଭୂମି ସ୍ଥାପନ କରାଯିବ। ଚାଷୀଙ୍କୁ ବ୍ୟବସାୟୀ, ସଂସ୍କରଣ ଉଦ୍ୟୋଗ ଓ ରପ୍ତାନିକାରୀଙ୍କ ସହ ସିଧାସଳଖ ଯୋଡ଼ିବା ସହ 'ସମ୍ବଲପୁର ସ୍ପାଇସେସ୍' ନାମରେ ଜିଲ୍ଲାର ନିଜସ୍ୱ ବ୍ରାଣ୍ଡ ଗଢ଼ିବାକୁ ଯୋଜନା ରହିଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପିପି ଏକାଡେମୀରେ ସଙ୍ଗୀତ ଓ କଲେଜ ଛକ କଲ୍ୟାଣ ମଣ୍ଡପରେ ରନଗୋଲି ପ୍ରତିଯୋଗୀତା

ବଲାଙ୍ଗୀର,୨୯/୧୦(ନି/ପ୍ର):ଆସନ୍ତା ନଭେମ୍ବର ୧ ବଲାଙ୍ଗୀର ଦିନ ଉର୍ଦ୍ଧେ ବଲାଙ୍ଗୀର ପତିତ ପାବନ ଏକାଡେମୀ ସ୍କୁଲ ଠାରେ ଜୟ ବଲାଙ୍ଗୀର ଟିମ୍ ଦ୍ୱାରା ସଂଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୬୦ ଜଣ ପ୍ରତିଯୋଗୀ(ସିନିଅର ଓ ଜୁନିଅର ମିଶାଇ) ଉପସ୍ଥିତ ରହିଥିଲେ। ବିଚାରକମଣ୍ଡଳୀରେ ସୁନାମଧନ୍ୟ ବରିଷ୍ଠ କଳାକାର ଶ୍ରୀ ଦିଲୀପ ସିଂହଦେଓ, ପ୍ରସିଦ୍ଧ କଣ୍ଠଶିଳ୍ପୀ ତଥା ସଙ୍ଗୀତକାର ଶ୍ରୀ ତନ୍ମୟ ମହାନନ୍ଦ, ପ୍ରସିଦ୍ଧ ଅଭିନେତା ଶ୍ରୀ ଆଶୁତୋଷ ମିଶ୍ର, କଣ୍ଠଶିଳ୍ପୀ ସତ୍ୟପ୍ରକାଶ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ। ଜୟ ବଲାଙ୍ଗୀର ଟିମ୍‌ର ମାନସ ରଞ୍ଜନ ଖୁଆସ, ଋତୁରାଜ ପ୍ରଧାନ, ରାହୁଲ ପାଣିଗ୍ରାହୀ, ବିକି ପଟେଲ, ଦେବାଶିଷ ମିଶ୍ର, ସୁବ୍ରତ ସାହୁ ରୁଦ୍ରପ୍ରତାପ ପ୍ରଧାନ ପ୍ରମୁଖ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମକୁ ବାଦ୍ୟକାର ଶ୍ରୀ ସଂସ୍କାର ସ୍ୱରୂପ ମିଶ୍ର ପରିଚାଳନା କରିଥିଲେ। ଠିକ୍ ସେହିପରି ଆଦ୍ୟାଶକ୍ତି ନାରୀ ସଂଗଠନ ବଲାଙ୍ଗୀର ତରଫରୁ ସ୍ଥାନୀୟ କଲେଜ ଛକ କଲ୍ୟାଣ ମଣ୍ଡପ ଠାରେ ରଙ୍ଗୋଲି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପ୍ରୋଟେକ୍ସନ ଅଫିସର ସୁଜାତା ଦୋରା ଯୋଗ ଦେଇଥିବାବେଳେ ବିଚାରକ ଭାବରେ ଦିଲୀପ ସିଂଦେଓ, ନୀଳା ସିଂ, ଶ୍ରାବଣୀ ମେହେର ଯୋଗଦେଇ ଥିଲେ। ଏଥିରେ ପ୍ରାୟ ୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସଂଗଠନର ସଭାପତି ମାଳତୀ ଉଦଗାତା, ସମ୍ପାଦକ କସ୍ତୁରୀ ରଥ, ନିହାରିକା ମିଶ୍ର, ରାଜଶ୍ରୀ ତ୍ରିପାଠୀ, ଆରତୀ ମିଶ୍ର, ଶୋଭିନି ମହାଲିଙ୍ଗ, ସୌଦାମିନୀ ମିଶ୍ର, ବିଜୟଲକ୍ଷ୍ମୀ ମିଶ୍ର, ଯଶୋବନ୍ତି ମିଶ୍ର, ସଂଯୁକ୍ତା ମିଶ୍ର, ପୁଷ୍ପଲତା ମିଶ୍ର, ଦିପ୍ତିମୟୀ ମିଶ୍ର, ମାଧୁରୀ କୁଅଁର, ସୁଜାତା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

ଗଜଲକ୍ଷ୍ମୀ ପୂଜାରେ ବୈତରଣୀ ମହୋତ୍ସବ ଉଦ୍‌ଘାଟିତ

ଭଦ୍ରକ,୨୯/୧୦(ନି/ପ୍ର): ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ଠାରେ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବ ଉଦଘାଟିତ ହୋଇଛି। ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ସାଂସ୍କୃତିକ ସନ୍ଧ୍ୟା କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଉଦଘାଟନ କରିଥିଲେ। ଉକ୍ତ ଅଂଚଳ ଟି ବନ୍ୟା ପ୍ରଭାବିତ ହୋଇଥିବା ବେଳେ ଅନେକ ଦୁଃଖ ଭିତରେ ମହୋତ୍ସବ ଲୋକଙ୍କ ମୁହଁରେ ହସ ଫୁଟାଉଛି ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଥିଲେ। ଏହାଛଡା ବ୍ୟବସାୟୀ ସଂଘ ଓ ମହୋତ୍ସବ କମିଟି ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ବୈଦିକ କାର୍ଯ୍ୟକ୍ରମ ଅଂଚଳର ଐତିହ୍ୟକୁ ଉଜ୍ଜୀବିତ କରି ପରସ୍ପର ମଧ୍ୟରେ ସମ୍ପର୍କର ସେତୁ କୁ ସୁଦୃଢ଼ କରିଛି ବୋଲି ଶ୍ରୀ ମଲ୍ଲିକ ମତବ୍ୟକ୍ତ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ତଥା ମହୋତ୍ସବ କମିଟି ସଂଯୋଜକ ଉତ୍କଳ କେଶରୀ ମହାନ୍ତି, ବିଜେଡି ବ୍ଲକ ସଭାପତି ଲକ୍ଷ୍ମୀଧର ସାହୁ,ବରେଣ୍ୟ ଅତିଥି ସରପଂଚ ମିନତୀ ପରିଡା, ସମିତି ସଭ୍ୟା ରିତାଞ୍ଜଳୀ ସାମଲ, ପୂର୍ବତନ ସରପଂଚ ମୋହନ ରାୟ, ବିରେନ୍ଦ୍ର ନାୟକ, ଯୁବ ନେତା ଲଳିତ ରାଉତ, ପବିତ୍ର ପାଣିଗ୍ରାହୀ, ପ୍ରତ୍ୟୁଷ ସାମଲ, ଭାଗିରଥି ପରିଡା ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ ବଜାର କମିଟି ସଭାପତି ଚନ୍ଦ୍ରଶେଖର ମହାନ୍ତି ଆଭିମୁଖ୍ୟ ପ୍ରଦାନ, ସଂପାଦକ ରାଜେନ୍ଦ୍ର ଶତପଥୀ ଅତିଥି ପରିଚୟ ପ୍ରଦାନ,ସହ ସଂଯୋଜକ ଦୁର୍ଯ୍ୟୋଧନ ଲେଙ୍କା ମାନପତ୍ର ପାଠ ଓ ଦେବବ୍ରତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ଅବସରରେ ଶିଶୁ ମନ୍ଦିର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଓ ନାଟକ ପରିବେଷଣ ହୋଇଥିବା ବେଳେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲଭିଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ ଉଦଘାଟନୀ କାର୍ଯ୍ୟକ୍ରମକୁ ବଣିକ ସଂଘ ଓ ମହୋତ୍ସବ କମିଟି ସଦସ୍ୟ ମାନେ ପରିଚାଳନା କରିଥିଲେ।

ସମ୍ବଲପୁରରେ ଆପଦମିତ୍ରଙ୍କ ଡିଭିଜନସ୍ତରୀୟ ପ୍ରତିଯୋଗିତା ଶିବିର

ସମ୍ବଲପୁର,୨୯/୧୦(ନି/ପ୍ର): ବିପର୍ଯ୍ୟୟ ସମୟରେ ତ୍ୱରିତ ଉଦ୍ଧାର, ଆହତଙ୍କୁ ପ୍ରାଥମିକ ଚିକିତ୍ସା ଓ ଅମୂଲ୍ୟ ଜୀବନ ରକ୍ଷା କରିବାରେ ଆପଦମିତ୍ର ସ୍ୱେଚ୍ଛାସେବୀଙ୍କ ଦକ୍ଷତା ବୃଦ୍ଧି ଲକ୍ଷ୍ୟରେ ସମ୍ବଲପୁର ନିଲଡୁଙ୍ଗରିସ୍ଥିତ ଉଦ୍ୟାନ ବିଭାଗ ପ୍ରଶିକ୍ଷଣ ଅନୁଷ୍ଠାନ ପରିସରରେ ଉତରାଂଚଳ ରାଜସ୍ୱ ଡିଭିଜନସ୍ତରୀୟ ପ୍ରାଥମିକ ଚିକିତ୍ସା ଏବଂ ସନ୍ଧାନ ଓ ଉଦ୍ଧାର ପ୍ରତିଯୋଗିତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ଆପଦମିତ୍ର ସ୍ୱେଚ୍ଛାସେବୀଙ୍କ ନିଃସ୍ୱାର୍ଥପର ସେବା ଓ ମାନବିକତାର ଉଚ୍ଚ ପ୍ରଶଂସା କରିଥିଲେ। ବିପର୍ଯ୍ୟୟ ସମୟରେ ସାହସ, ସତର୍କତା ଓ ଦକ୍ଷତାର ସହ କାର୍ଯ୍ୟ କରି ଅନେକ ଜୀବନ ରକ୍ଷା କରିବାରେ ସେମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତବ୍ୟକ୍ତ କରିବା ସହ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ।ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ଅଧିକାରୀ ଗୀତାଞ୍ଜଳି ସା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କଳ୍ପନା ଦଳେଇ ସହଯୋଗ କରିଥିଲେ।ପ୍ରତିଯୋଗିତାରେ ସମାଜସେବୀ ତଥା ଡାକ୍ତର ରାଜାରାମ ଷଡ଼ଙ୍ଗୀ, ଏଏଫଓ ସୁଦାମ କିସ୍କୋ, ବାସୁଦେବ ଲାମା, ଧନିରାମ ମୁଣ୍ଡା ଓ ଅଧ୍ୟାପକ ଶାନ୍ତନୁ କୁମାର ପ୍ରଧାନ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀ ଦଳଗୁଡ଼ିକର ଦକ୍ଷତା ଓ ପ୍ରଦର୍ଶନର ମୂଲ୍ୟାୟନ କରିଥିଲେ। ପ୍ରାଥମିକ ଚିକିତ୍ସା ପ୍ରତିଯୋଗିତାରେ ଝାରସୁଗୁଡ଼ା ଜିଲ୍ଲା ପ୍ରଥମ, କଳାହାଣ୍ଡି ଦ୍ୱିତୀୟ ଓ ବଲାଙ୍ଗୀର ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସନ୍ଧାନ ଓ ଉଦ୍ଧାର ପ୍ରତିଯୋଗିତାରେ କଳାହାଣ୍ଡି ଜିଲ୍ଲା ପ୍ରଥମ ଓ ଝାରସୁଗୁଡ଼ା ଜିଲ୍ଲା ଦ୍ୱିତୀୟ ଓ ବଲାଙ୍ଗୀର ତୃତୀୟ ସ୍ଥାନ ଅଧିକାର କରିଥିଲେ।କାର୍ଯ୍ୟକ୍ରମ ଶେଷରେ ମୁଖ୍ୟଅତିଥି ଶ୍ରୀ ଭୋଇ କୃତି ପ୍ରତିଯୋଗୀ ଦଳଗୁଡ଼ିକୁ ପୁରସ୍କୃତ କରିଥିଲେ। ଏହି ଶିବିର ଆପଦମିତ୍ର ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଦକ୍ଷତା, ସମନ୍ୱୟ ଓ ବିପର୍ଯ୍ୟୟ ମୁକାବିଲା ପ୍ରତି ସଚେତନତା ବୃଦ୍ଧିରେ ସହାୟକ ହୋଇଛି।ଶେଷରେ ଡିପିଓ ଶ୍ରୀମତୀ ସା ଧନ୍ୟବାଦ ଦେଇଥିଲେ।

ଦୁଇଟି ହୋଟେଲରୁ ଶିଶୁ ଓ କିଶୋର ଶ୍ରମିକ ଉଦ୍ଧାର

ସମ୍ବଲପୁର,୨୯/୧୦(ନି/ପ୍ର): ରାଜ୍ୟବ୍ୟାପୀ ଚାଲିଥିବା ୪୪ ଦିନିଆ ବିଶେଷ ଅଭିଯାନ ଅନ୍ତର୍ଗତ ସମ୍ବଲପୁର ଓ ଆଖପାଖ ଅଚଂଳରେ ମଙ୍ଗଳବାର ସ୍ୱତନ୍ତ୍ର ଚଢ଼ାଉ କରାଯାଇ ଦୁଇଟି ହୋଟେଲରୁ ଜଣେ ଶିଶୁ ଓ ଜଣେ କିଶୋରଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଉଭୟଙ୍କୁ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଓ ପୁନର୍ବାସ ପାଇଁ ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି), ସମ୍ବଲପୁର ସମ୍ମୁଖରେ ଉପସ୍ଥାପନ କରାଯାଇଛି। ଶିଶୁ ଓ କିଶୋର ଶ୍ରମ

(ନିଷେଧ ଓ ନିୟନ୍ତ୍ରଣ) ଅଧିନିୟମ,୧୯୮୬ ଅନୁଯାୟୀ ଉଭୟ ହୋଟେଲର ନିଯୁକ୍ତିଦାତାଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯାଉଥିବା ସମ୍ବଲପୁର ସହକାରୀ ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି।

ଇ-ବର୍ଜ୍ୟ ପରିଚାଳନା ନେଇ ଏମ୍‌ସିଏଲ୍‌ରେ ପଥପ୍ରାନ୍ତ ନାଟକ

ସମ୍ବଲପୁର,୨୯/୧୦(ନି/ପ୍ର): ସ୍ୱତନ୍ତ୍ର ଅଭିଯାନ-୬ ଅଧୀନରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ) ପକ୍ଷରୁ ମୁଖ୍ୟାଳୟ କାର୍ଯ୍ୟାଳୟରେ ଇ-ବର୍ଜ୍ୟ ପରିଚାଳନା ଉପରେ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଛି। ଇଲେକ୍ଟ୍ରୋନିକ୍ ବର୍ଜ୍ୟର ଦାୟିତ୍ୱପୂର୍ଣ୍ଣ ନିଷ୍କାସନ ଏବଂ ଏହା ସହ ଜଡ଼ିତ ପରିବେଶଗତ ସମସ୍ୟା ବିଷୟରେ ସଚେତନତା ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀମତୀ ରେଖା ପାଣ୍ଡେ କାର୍ଯ୍ୟକ୍ଷେତ୍ରରେ ସ୍ଥାୟୀ ଓ ପରିବେଶ ଅନୁକୂଳ ଆଚରଣ ଆପଣାଇବା ସହ ସ୍ୱଚ୍ଛତା ଏବଂ ବର୍ଜ୍ୟ ପରିଚାଳନା ସମ୍ବନ୍ଧୀୟ ପଦକ୍ଷେପରେ ସମୂହ ଅଂଶଗ୍ରହଣ ପାଇଁ ଆହ୍ୱାନ ଦେଇଥିଲେ। ନାଟକ ମାଧ୍ୟମରେ ଇଲେକ୍ଟ୍ରୋନିକ୍ ବର୍ଜ୍ୟର ସଂଗ୍ରହ, ବର୍ଗୀକରଣ ଓ ବୈଜ୍ଞାନିକ ପଦ୍ଧତିରେ ନିଷ୍କାସନର ଗୁରୁତ୍ୱ ଦର୍ଶାଯାଇଥିଲା। ଆକର୍ଷକ ସଂଳାପ ଜରିଆରେ ଇଲେକ୍ଟ୍ରୋନିକ୍ ଉପକରଣର ବ୍ୟବହାର କମାଇବା, ପୁନଃବ୍ୟବହାର ଓ ପୁନଃଚକ୍ରଣର ଆବଶ୍ୟକତା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଅନୁପଯୋଗୀ ବୈଦ୍ୟୁତିକ ଓ ଇଲେକ୍ଟ୍ରୋନିକ୍ ଉପକରଣକୁ ସ୍ୱୀକୃତିପ୍ରାପ୍ତ ସଂଗ୍ରହ ଓ ପୁନଃଚକ୍ରଣ ବ୍ୟବସ୍ଥା ମାଧ୍ୟମରେ ନିଷ୍କାସନ କରିବାକୁ ବାର୍ତ୍ତା ଦିଆଯାଇଥିଲା। ଅକ୍ଟୋବର ୨ରୁ ୩୧, ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ସ୍ୱତନ୍ତ୍ର ଅଭିଯାନ-୬ର ଚଳିତ ବର୍ଷର ମୁଖ୍ୟ ଗୁରୁତ୍ୱ ଇ-ବର୍ଜ୍ୟ ପରିଚାଳନା ଉପରେ ରହିଛି। "କମ୍ ବ୍ୟବହାର, ପୁନଃବ୍ୟବହାର ଓ ପୁନଃଚକ୍ରଣ"ର ବାର୍ତ୍ତା ପ୍ରସାର କରି କର୍ମଚାରୀ ଓ ଉପଭୋକ୍ତାଙ୍କୁ ସ୍ୱଚ୍ଛ ପରିବେଶ ଏବଂ ସ୍ଥାୟୀ ଭବିଷ୍ୟତ ଗଠନରେ ଯୋଗଦାନ ପାଇଁ ପ୍ରୋତ୍ସାହିତ କରାଯାଉଛି। କାର୍ଯ୍ୟକ୍ରମରେ ମହାପ୍ରବନ୍ଧକ (ସିଭିଲ୍/ସିଏସ୍‌ଆର)ଙ୍କ ସମେତ ବିଭିନ୍ନ ବିଭାଗର ମୁଖ୍ୟ, ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ସାଇ ଶିକ୍ଷା ପରିଷଦ ପକ୍ଷରୁ 'ଲି'ଲ୍ ମିସ୍ ଓ ଲି'ଲ୍ ମାଷ୍ଟର' ଏବଂ 'ମିସ୍ ଓ ମିଷ୍ଟର ଟିନ୍ ସମ୍ବଲପୁର-୨୦୨୬' ପ୍ରତିଯୋଗିତା

ସମ୍ବଲପୁର,୨୯/୧୦(ନି/ପ୍ର):ସାଇ ଶିକ୍ଷା ପରିଷଦ, ସମ୍ବଲପୁର ପକ୍ଷରୁ 'ଲି'ଲ୍ ମିସ୍ ଓ ଲି'ଲ୍ ମାଷ୍ଟର' ଏବଂ 'ମିସ୍ ଓ ମିଷ୍ଟର ଟିନ୍ ସମ୍ବଲପୁର-୨୦୨୬' ପ୍ରତିଯୋଗିତା ଆୟୋଜନ କରାଯିବ। ସ୍ଥାନୀୟ ସାମ୍ବାଦିକ ଭବନରେ ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିଷଦର ଅଧ୍ୟକ୍ଷ ଇଂ. ସୁଶାନ୍ତ କୁମାର ଗୁରୁ ଏହି ସୂଚନା ଦେଇଛନ୍ତି। ପିଲାମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ଏହି ପ୍ରତିଯୋଗିତା ଏକ ସୁଯୋଗ ଦେବ। ନଭେମ୍ବର ୨୮ ଓ ୨୯ ତାରିଖ ସକାଳ ୯ଟାରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମ୍‌ରେ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। ଏଥିପାଇଁ ନଭେମ୍ବର ୧ ତାରିଖ ସକାଳ ୯ଟାରୁ ସାଇ ଶିକ୍ଷା ପରିଷଦ, ଏମ୍‌ଏଲ/୯, ଜେ.ଏମ୍ କଲୋନୀ, ବୁଢ଼ାରଜାଠାରେ ଅଡିସନ୍ ଆରମ୍ଭ ହେବ। ଗତବର୍ଷ ପ୍ରାୟ ୩୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୪୦୦ରୁ ଅଧିକ ହେବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି। ପ୍ରତିଯୋଗିତାରେ ନୃତ୍ୟ, ଗୀତ, ଫ୍ୟାଶନ୍ ସୋ' ଓ ଅନ୍ୟାନ୍ୟ ପାଠ୍ୟକ୍ରମ ବହିର୍ଭୂତ କାର୍ଯ୍ୟକଳାପ ରହିଛି। 'ଲି'ଲ୍ ମିସ୍/ଲି'ଲ୍ ମାଷ୍ଟର' ବିଭାଗରେ ୫ରୁ ୧୨ ବର୍ଷ ଏବଂ 'ମିସ୍/ମିଷ୍ଟର ଟିନ୍' ବିଭାଗରେ ୧୩ରୁ ୧୯ ବର୍ଷ ବୟସର ପ୍ରତିଯୋଗୀ ଭାଗ ନେଇପାରିବେ। ସାମ୍ବାଦିକ ସମ୍ମିଳନୀରେ ଉପାଧ୍ୟକ୍ଷ ଭକ୍ତ ପ୍ରସାଦ ନନ୍ଦ ଓ ପାର୍ବତୀ ସେଠ୍, ଉପସଭାପତି ତ୍ରିଲୋଚନ ତ୍ରିପାଠୀ, କାର୍ଯ୍ୟକ୍ରମ ଆବାହକ ପାୟଲ ଭୋଇ ଏବଂ ଗଣମାଧ୍ୟମ ଆବାହକ ତର୍ପଣ ପ୍ରଧାନ ଉପସ୍ଥିତ ଥିଲେ। ଶଙ୍କର ବେହେରା, ସୋମନାଥ ଜାଲ, ସୀମା ଷଣ୍ଢ, ସର୍ମିଷ୍ଠା ପ୍ରଧାନ, ଉମେଶ ମାଝୀ, ଜିତମନ୍ୟୁ ନାଏକ, ସ୍ୱୟମଜିତ ପଟ୍ଟନାୟକ, ସ୍ୱାଧୀନ ନାଏକ ଓ ଅରୁଣ ତରିଆ ସମ୍ମିଳନୀ ଆୟୋଜନରେ ସହଯୋଗ କରିଥିଲେ। ଅଧିକ ସୂଚନା ଓ ପଞ୍ଜୀକରଣ ପାଇଁ ପାୟଲ (୮୯୮୪୦୧୦୧୧୨), ସୀମା (୯୯୩୭୯୮୧୩୫୦) ଓ କବିତା (୮୯୧୭୬୪୬୫୧୯)ଙ୍କ ସହ ଯୋଗାଯୋଗ କରିବାକୁ ଆୟୋଜକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

ବୁର୍ଲାରେ ମହାସମାରୋହରେ ନୂଆଁଖାଇ ଭେଟଘାଟ ପାଳିତ

ସମ୍ବଲପୁର,୨୯/୧୦(ନି/ପ୍ର): ବୁର୍ଲା ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟ ପଡ଼ିଆରେ ଦ୍ୱିତୀୟ ନୂଆଁଖାଇ ଭେଟଘାଟ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଉପକୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭିସୁଟ୍‌ର ଉପକୁଳପତି ପ୍ରଫେସର ଦୀପକ କୁମାର ସାହୁ, ଅବସରପ୍ରାପ୍ତ ଡିଜିପି ସଞ୍ଜୀବ କୁମାର ପାଟଯୋଶୀ ଏବଂ ସୁଶ୍ରୀ ଶୁଭଶ୍ରୀ ମିଶ୍ର ଯୋଗଦେଇଥିଲେ। ଅତିଥିମାନେ ପଶ୍ଚିମ ଓଡ଼ିଶାର ଭାଇଚାରାର ଗଣପର୍ବ ନୂଆଁଖାଇର ବିଶେଷତ୍ୱ ଓ ମହତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଏହି ପର୍ବ ସ୍ଥାନୀୟ ଲୋକଙ୍କୁ ଏକ ଅତୁଟ ବନ୍ଧନରେ ବାନ୍ଧି ରଖେ ବୋଲି ସେମାନେ କହିଥିଲେ। ସଭାପତି ବୀରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଉପଦେଷ୍ଟା ବ୍ରଜମୋହନ ମିଶ୍ର, ଆଇନଜୀବୀ ପ୍ରସନ୍ନ କୁମାର ସାହୁ ଓ ରାଜକିଶୋର ଜାଯୋଡ଼ିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପସଭାପତି ତ୍ରାହିକର ଡୁଙ୍ଗୁରୀ, ସମ୍ପାଦକ ରାମେଶ୍ୱର ସିଂ ଓ କୋଷାଧ୍ୟକ୍ଷ ଦେବାଶିଷ ନନ୍ଦ ମଚାଂସୀନ ଥିଲେ। ଏହି ଅବସରରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେବାକାର୍ଯ୍ୟ ପାଇଁ

ସାମାଜିକ ସଂସ୍ଥା 'ପରିଚୟ'କୁ ସମ୍ମାନିତ କରାଯାଇଥିଲା। ନୃତ୍ୟଗୁରୁ ସତ୍ୟବ୍ରତ ସାହୁଙ୍କ ନିର୍ଦ୍ଦେଶନାରେ ଭାରତୀ କଳା ବିକାଶ କେନ୍ଦ୍ରର ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ରୁକୁ ସୁନାଙ୍କ ଅର୍କେଷ୍ଟ୍ରା ଦଳ ପକ୍ଷରୁ ସଙ୍ଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା। ଅଙ୍କିତା ସାହାଣୀ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଅଭ୍ୟର୍ଥନା, ଶୃଙ୍ଖଳା, ମଂଚ ଓ ଖାଦ୍ୟ କମିଟିର ସଦସ୍ୟମାନେ ନିଜ ଦାୟିତ୍ୱ ନିର୍ବାହ କରିଥିଲେ। ତରଣୀସେନ ଚାନ୍ଦ, ରାଜେଶ ପଟ୍ଟନାୟକ, ବାଲା ମାଝୀ, ହରିଶଙ୍କର ପଣ୍ଡା, ଦୀପକ ରାଉତ, ସତ୍ୟବ୍ରତ ନାୟକ, ଗୋପାଳ ପ୍ରଧାନ, ପ୍ୟାରୀମୋହନ ପୂଜାରୀ, ଅନିଲ ଦେବତା, ପ୍ରଦୋଷ ପଣ୍ଡା, ସୋମନାଥ ଆପଟ, ସୁଧାଂଶୁ ଦାଶ, ଟୁନା ଷଣ୍ଢ, ଆକାଶ ଆଚାର୍ଯ୍ୟ, ଦିନେଶ ଷଡ଼ଙ୍ଗୀ, ଶୁଭକାନ୍ତ ପଣ୍ଡା, ଜୟନ୍ତ କୁମାର ସାହୁ, ଅଶ୍ୱିନୀ ମହାନନ୍ଦ, ଶ୍ୟାମ ଗୌଡ଼, ଜୟନ୍ତ କୁମାର ଦାସ, ସଞ୍ଜୀବ ପଣ୍ଡା ଓ ହିମାଂଶୁ ମେହେର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସୁଧୀର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

ଅଙ୍କୁର ହ୍ୟାଣ୍ଡବୁକ୍ ଉନ୍ମୋଚିତ

ଭୁବନେଶ୍ୱର,୨୯/୧୦(ନି/ପ୍ର): ଓଡ଼ିଶାରେ ସହରୀ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ପୌର ସେବାକୁ ଅଧିକ ଦକ୍ଷ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଫ୍ଲାଗସିପ୍ ପଦକ୍ଷେପ 'ଅଙ୍କୁର'ର ସହଯୋଗୀ ସଂସ୍ଥାଗୁଡ଼ିକର ହ୍ୟାଣ୍ଡବୁକ୍ ଭୁବନେଶ୍ୱରରେ ଆୟୋଜିତ ଅର୍ବାନ୍ ମୋବିଲିଟି ଇଣ୍ଡିଆ ସମ୍ମିଳନୀ ଓ ନ୍ୟାସନାଲ୍ ଅର୍ବାନ୍ କନକ୍ଲେଭ୍ ୨୦୨୬ ଅବସରରେ ଉନ୍ମୋଚିତ ହୋଇଛି। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ପରିକଳ୍ପନାରେ ଆରମ୍ଭ ହୋଇଥିବା ଏହି ପଦକ୍ଷେପକୁ ୨୮ ମେ ୨୦୨୫ରେ ଶୁଭାରମ୍ଭ କରାଯାଇଥିଲା। ଦକ୍ଷତା ବିକାଶ, ଜ୍ଞାନ ଓ ଗବେଷଣା, କାର୍ଯ୍ୟକାରୀ ସହାୟତା ଏବଂ ନବସୃଜନ—ଏହାର ଚାରିଟି ମୁଖ୍ୟ ସ୍ତମ୍ଭ।

ବିକାଶ ପୂର୍ବରୁ ବିସ୍ଥାପିତଙ୍କୁ ଥଇଥାନ ଦାବି

ସମ୍ବଲପୁର,୨୯/୧୦(ନି/ପ୍ର):ବୁର୍ଲା ସହରରେ ସରକାରୀ ଜମିରେ ରହୁଥିବା ଜନସାଧାରଣଙ୍କୁ ଜମି ଖାଲି କରିବାକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମୌଖିକ ଭାବେ କୁହାଯାଇଥିବା ଜଣାପଡ଼ିଛି। ଏହା ସହ ନୂତନ ନିର୍ମାଣ ପାଇଁ କେତେକ ବ୍ୟବସାୟୀଙ୍କ ଦୋକାନ ଘର ବିସ୍ଥାପିତ ହେବା ଆଶଙ୍କା ରହିଛି। ଏହି ପ୍ରସଙ୍ଗରେ ବୁର୍ଲା ସହର କଂଗ୍ରେସ କମିଟି ପକ୍ଷରୁ ବିସ୍ଥାପନ ପୂର୍ବରୁ ଉଚିତ ପୁନର୍ବାସ ଓ ଥଇଥାନ ବ୍ୟବସ୍ଥା କରିବାକୁ ଦାବି ହୋଇଛି। କମିଟିର ଦାବି ଅନୁସାରେ, ଯଦି କୌଣସି ନିର୍ମାଣ ପାଇଁ ବ୍ୟବସାୟୀଙ୍କୁ ହଟାଇବାକୁ ପଡ଼େ, ତେବେ ପ୍ରଶାସନ ପ୍ରଥମେ ଉପଯୁକ୍ତ ସ୍ଥାନରେ ଦୋକାନ ଘର ନିର୍ମାଣ କରି ସେଗୁଡ଼ିକୁ ଦୋକାନୀଙ୍କୁ ହସ୍ତାନ୍ତର କରୁ। ସେହିପରି ବସବାସ କରୁଥିବା ଲୋକଙ୍କୁ ବିସ୍ଥାପନ ପୂର୍ବରୁ ଉଚିତ ସ୍ଥାନରେ ସ୍ଥାୟୀ ଭାବେ ଥଇଥାନ କରିବା ସହ ଘର ନିର୍ମାଣ ପାଇଁ ଆର୍ଥିକ ସହାୟତା ଦିଆଯାଉ। କଂଗ୍ରେସ କମିଟି କହିଛି, ପୂର୍ବରୁ ବିକାଶ ନାମରେ ବୁର୍ଲା ସହରର ୭୦୦ରୁ ଉର୍ଦ୍ଧ୍ୱ ଦୋକାନୀ ବ୍ୟବସାୟରୁ ବଚିଂତ ହୋଇଥିଲେ। ବ୍ୟବସାୟ ହରାଇବା ପରେ ସହରର ଅନେକ ପରିବାର ମଧ୍ୟ ବୁର୍ଲା ଛାଡ଼ି ଚାଲିଯାଇଥିବା ଦେଖାଯାଇଛି। କଂଗ୍ରେସ କୌଣସି ବିକାଶ କାର୍ଯ୍ୟକୁ ବିରୋଧ କରୁନାହିଁ; ବିସ୍ଥାପିତଙ୍କୁ ପ୍ରଥମେ ଉଚିତ ଭାବେ ଥଇଥାନ କରାଯାଉ ବୋଲି ଦାବି କରୁଛି। ଏହି ଦାବି ବୁର୍ଲା ସହର କଂଗ୍ରେସ କମିଟି ସଭାପତି ଗିରିଜା ନାୟକ ଜଣାଇଛନ୍ତି।

ବୃକ୍ଷ ହେଉଛି ଦେବତା ସଦୃଶ୍ୟ

ରାଉରକେଲା,୨୯/୧୦(ନି/ପ୍ର): ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ବସୁଧୈବ କୁଟୁମ୍ବକମ୍ ଓ ଦୈନିକ ପ୍ରମେୟ ର ମିଳିତ ଆନୁକୂଲ୍ୟରେ ବିରମିତ୍ରପୁର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ବୃକ୍ଷ ରୋପଣ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସୁନ୍ଦରୀ ଦାଶଙ୍କ ସଭାପତିତ୍ୱ ଓ ବସୁଧୈବ କୁଟୁମ୍ବକମ୍ ର ସଭାପତି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ପୈ ।ରହିତ୍ୟ ରେ ମୁଖ୍ୟ ପୃଷ୍ଠପୋଷକ ତଥା ଅବସରପ୍ରାପ୍ତ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର କୁମାର ପଟ୍ଟନାୟକ ଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରମଶକ୍ତି ମହାବିଦ୍ୟାଳୟର ପ୍ର ଡ଼ଃ ମୁନିନ୍ଦ୍ ମହାଲିକ, ମୁଖ୍ୟବକ୍ତା ଭାବେ ଜର୍ଣ୍ଣାଲିଷ୍ଟସ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ, ସମ୍ମାନିତ ଅତିଥି ଭାବେ ପ୍ରମେୟ ର ସହ ସମ୍ପାଦକ ନରହରି ଦାସ, ଶିକ୍ଷାବିତ୍ ତଥା ସମାଜସେବୀ ବ୍ରଜକିଶୋର ଶୁକ୍ଳା, ପ୍ରମେୟ ର ସ୍ଥାନୀୟ ପ୍ରତିନିଧି ଆଲୋକ କର ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ ର ଆବଶ୍ୟକତା ଓ ଉପକାରିତା ସଂପର୍କରେ ଆଲୋଚନା କରିଥିଲେ । ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଲେ ଯେ ବୃକ୍ଷ ହେଉଛି ମା ସଦୃଶ । ଏହା ସହ ବୃକ୍ଷରୋପଣ ଓ ତାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟବକ୍ତା ଶ୍ରୀ ରାଉତ ତାଙ୍କ ବକ୍ତବ୍ୟରେ କହିଲେ ଯେ ଜଣେ ପ୍ରାପ୍ତବୟସ୍କ ବ୍ୟକ୍ତି ପାଖାପାଖି ୫୪୦ ରୁ ୫୬୦ ଲିଟର ଅମ୍ଳଜାନ ଗ୍ରହଣ କରୁଥିବାବେଳେ ଗୋଟିଏ ପ୍ରାପ୍ତବୟସ୍କ ଗଛଟିଏ ୨୭୦ ଲିଟର ପର୍ଯ୍ୟନ୍ତ ଅମ୍ଳଜାନ ଦେଇଥାଏ । ତେଣୁ ଅତିକମରେ ପ୍ରତ୍ୟେକ ବ୍ୟକ୍ତି ଦୁଇଟି ଗଛ ଲଗାଇବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଶ୍ରୀ ଦାସ,ଶ୍ରୀ ଶୁକ୍ଳ ତାଙ୍କ ବକ୍ତବ୍ୟରେ ବୃକ୍ଷରୋପଣ କିପରି ଆଗାମୀ ପିଢି ପାଇଁ ଆବଶ୍ୟକତା ଓ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ବସୁଧୈବ କୁଟୁମ୍ବକମ୍ ଅନୁଷ୍ଠାନର ସଭାପତି କବୀ ବିଜୟଲକ୍ଷ୍ମୀ ପଟ୍ଟନାୟକ କବିତା ମାଧ୍ୟମରେ ସଚେତନ ବାର୍ତା ବା ବାଟିଂବା ସହ ବୃକ୍ଷ ହେଉଛି ପୃଥିବୀର ନୀରବ କବି ବୋଲି ମତ ରଖିଥିଲେ । ସେହିପରି ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସଂଯୋଜକ ଶ୍ରୀ ପଟ୍ଟନାୟକ ଅତିଥି ମାନଙ୍କ ପରିଚୟ ସହ ଅଶ୍ୱସ୍ଥ ଗଛ କିପରି ବିଷ୍ଣୁ ବୃକ୍ଷ ଓ ବୃକ୍ଷରୋପଣ ପାଇଁ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରି ଏଥିପାଇଁ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ବୃକ୍ଷ ହେଉଛି ଦେବତା ସଦୃଶ୍ୟ ବୋଲି ମତ ରଖିଥିଲେ ।ପ୍ରାରମ୍ଭରେ ସଭାପତିତ୍ୱ କରୁଥିବା ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଦାଶ ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଶେଷରେ ସାମ୍ବାଦିକ ଆଲୋକ କର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମସ୍ତ ଅତିଥି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରିଥିଲେ । ଆଲୁମନୀ ଖୁସୁବୁ ଅଗ୍ରୱାଲ ଉପସ୍ଥିତ ଥିଲାବେଳେ ନିରୁପମା ପତି ଓ ମହାଦେବ ମାଝୀଙ୍କ ସହ କାର୍ଯ୍ୟକ୍ରମ ପରିଚାଳନା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

ସାଂସଦ ପ୍ରତିନିଧିଙ୍କ ଉଦ୍ୟମରେ ପିଲାଙ୍କୁ ଖେଳନା ବଣ୍ଟନ

ରାଉରକେଲା,୨୯/୧୦(ନି/ପ୍ର): ପିଲାମାନଙ୍କ ମଧ୍ୟରେ ପୁଷ୍ଟିହୀନତା ଏବେ ଏକ ସାଧାରଣ ଘଟଣା ହୋଇ ଗଲାଣି । ଯେଉଁ ମାନେ ଖାଦ୍ୟରେ ସଠିକ୍ ଭାବେ ପ୍ରୋଟିନ୍ ଗ୍ରହଣ କରୁ ନାହାନ୍ତି ସେମାନେ କୁପୋଷଣର ଶିକାର ହେଉଛନ୍ତି । ଏହି ସମସ୍ୟା ଦୂର କରିବାକୁ ରାଉରକେଲା ସରକାରୀ ହସ୍ପିଟାଲରେ ରହିଛି ପୋଷଣ ପୁନର୍ବାସ କେନ୍ଦ୍ର । ଏଠାରେ ପୁଷ୍ଟିହୀନତାର ଶିକାର ।ପିଲା ମାନଙ୍କୁ ରଖାଯାଇ ଯତ୍ନ ନିଆ ଯାଇ ଥାଏ । ଏହି ପିଲାମାନଙ୍କ ଶାରୀରିକ ପୋଷଣ ପୂର୍ଣ୍ଣତା କିପରି ହେବ ତାହା ଡାକ୍ତର ଦେଖୁଥିବା ବେଳେ ଏକ ସଂସ୍ଥା ସେମାନଙ୍କ ମାନସିକ ବିକାଶ ଉପରେ ଗୁରୁତ୍ୱ ଦେଇଛି । ସ୍ମାଇଲ୍ ଫର୍ ଏଭର ସଂସ୍ଥାପକ ତଥା ସାଂସଦ ଦିଲ୍ଲୀପ ରାୟଙ୍କ ସରକାରୀ ଡାକ୍ତରଖାନା ପ୍ରତିନିଧି ସନ୍ତୋଷ ବିଶ୍ୱାଳଙ୍କ ଉଦ୍ୟମରେ ଏହି ପିଲା ମାନଙ୍କୁ ଆଜି ବିଭିନ୍ନ ପ୍ରକାର ଖେଳନା ବଟଂନ କରା ଯାଇଛି । ଏହା ସହ ଖାତା ପେନ୍ସିଲ୍ ଆଦି ମଧ୍ୟ ଦିଆ ଯାଇଛି । ଏହା ଦ୍ୱାରା ପିଲାଙ୍କ ମାନସିକ ସ୍ତରରେ ମଧ୍ୟ ଉନ୍ନତି ବୃଦ୍ଧି ଘଟିବା ନେଇ ଆଶା କରା ଯାଉଛି । ପିଲା ମାନେ ମଧ୍ୟ ଖେଳନା ସାମଗ୍ରୀ ।ପାଇ ବେଶ୍ ଖୁସି ଅଛନ୍ତି ।

ତପସ୍ୟା ଭବନ ବ୍ରହ୍ମାକୁମାରୀଜ ପକ୍ଷରୁ ଚୈତନ୍ୟ ଦେବୀ ମଣ୍ଡପ ଉଦ୍ଘାଟିତ

କେନ୍ଦ୍ରାପଡ଼ା,୨୯/୧୦(ନି/ପ୍ର):କେନ୍ଦ୍ରାପଡ଼ା ସହରରେ ଶାରଦୀୟ ଗଜଲକ୍ଷ୍ମୀ ପୂଜାର ଚଳିତ ବର୍ଷ ଶତବାର୍ଷିକୀ ପାଳନ କରାଯାଉଥିବାବେଳେ ବଡ଼ହାଟ ସ୍ଥିତ ତପସ୍ୟା ଭବନ ବ୍ରହ୍ମା କୁମାରୀଜ୍ ସଂସ୍ଥା ପକ୍ଷରୁ ଚୈତନ୍ୟ ଦେବୀ ମଣ୍ଡପ ଉଦଘାଟିତ ହୋଇଯାଇଛି । କାକଟମଙ୍ଗଳା ପୂଜା ମଣ୍ଡପ ସାମ୍ନାରେ ଏହି ନିଆରା ପାରମ୍ପରିକ ଝାଙ୍କି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷା ସରିତା ସାହୁ, ମୁଖ୍ୟବକ୍ତା ଭାବେ ସମବାୟବିତ ଙ୍ଗ ଅକ୍ଷୟ କୁମାର ପାଣି ଓ ସମ୍ମାନିତ ଅତିଥିଭାବେ କାଉନସିଲର ଉମେଶ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ ।

ଅଧପନ୍ତରିଆ ରାସ୍ତା କାମକୁ ନେଇ ଅସନ୍ତୋଷ ପ୍ରକାଶ

ସୁନ୍ଦରଗଡ଼,୨୯/୧୦(ନି/ପ୍ର): ମାସ ମାସ ଧରି ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି ଜାତୀୟ ରାଜପଥ ଘଏ-୩୨୦ଉର ନିର୍ମାଣ କାର୍ଯ୍ୟ । ରାସ୍ତା ସାରା କାଦୁଅ, ଧୂଳି ଓ ବର୍ଷାଜଳ ଜମି ରହିବା ଯୋଗୁଁ ଅତିଷ୍ଠ ହୋଇପଡ଼ିଛନ୍ତି ସ୍ଥାନୀୟ ଲୋକେ । ଶେଷରେ ଗୁରୁବାର ସକାଳେ ପ୍ରବଳ ବର୍ଷାକୁ ଖାତିର ନକରି ଶତାଧିକ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇ ଚକାଜାମ କରିଛନ୍ତି । ଏହି ରାସ୍ତାରୋକ ଯୋଗୁଁ ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଜରାଇକେଲାରୁ ରାଉରକେଲା ପର୍ଯ୍ୟନ୍ତ ନିର୍ମାଣାଧୀନ ଘଏ-୩୨୦ଉର କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଏବଂ ଏଥିରେ ଅବ୍ୟବସ୍ଥା ଲାଗିରହିଥିବା ଅଭିଯୋଗ କରି ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଗୁରୁବାର ସକାଳ ପ୍ରାୟ ୭ଟାରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ସ୍ଥାନୀୟ ଲୋକ, ଯୁବକ ଓ ବଜାରର ବ୍ୟବସାୟୀମାନେ ସାମିଲ ହୋଇଥିଲେ । ବିଜେଡିର ସ୍ଥାନୀୟ ନେତା ସୋମନାଥ ରାହାଙ୍କ ନେତୃତ୍ୱରେ ପ୍ରଦର୍ଶନକାରୀମାନେ ଜରାଇକେଲା ମୁଖ୍ୟ ବଜାରରେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ତେବେ ଆମ୍ବୁଲାନ୍ସ ସମେତ ଅନ୍ୟ ଜରୁରୀକାଳୀନ ସେବା ସହ ଜଡ଼ିତ ଯାନବାହନକୁ ଯାତାୟାତ ପାଇଁ ଅନୁମତି ଦିଆଯାଇଥିଲା । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଯୋଗୁଁ ସ୍ଥାନୀୟ ଲୋକଙ୍କ ଦୈନନ୍ଦିନ ଜୀବନ ବ୍ୟାହତ ହେଉଛି । ରାସ୍ତାର ଅନେକ ସ୍ଥାନ ଭାଙ୍ଗିରୁଜି ଯାଇଥିବାବେଳେ ବର୍ଷା ହେଲେ କାଦୁଅ ଓ ଜଳ ଜମି ରହୁଛି । ଫଳରେ ଯାନବାହନ ଚଳାଚଳ ତ ଦୂରର କଥା, ଲୋକଙ୍କ ପାଇଁ ଚାଲିକରି ଯିବା ମଧ୍ୟ କଷ୍ଟକର ହୋଇପଡୁଛି । ଏହି ସମସ୍ୟା ନେଇ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗକୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ଗ୍ରାମବାସୀ କହିଛନ୍ତି । ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି । ଆନ୍ଦୋଳନର ନେତୃତ୍ୱ ନେଉଥିବା ବିଜେଡି ନେତା ସୋମନାଥ ରାହା କହିଛନ୍ତି ଯେ, ପ୍ରଶାସନ ଓ ଜାତୀୟ ରାଜପଥ ବିଭାଗ ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ଆବଶ୍ୟକ । ଦାବି ପୂରଣ ନହେଲେ ଆଗାମୀ ଦିନରେ ବିଶ୍ରାରୁ ଜରାଇକେଲା ପର୍ଯ୍ୟନ୍ତ ସମଗ୍ର ରାସ୍ତାରେ ଯାତାୟାତ ବନ୍ଦ କରାଯିବ । ରାସ୍ତା ନିର୍ମାଣ ସମ୍ବନ୍ଧୀୟ ସମସ୍ୟାର ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି । ପ୍ରବଳ ବର୍ଷା ମଧ୍ୟରେ ରାସ୍ତାରୋକ ଜାରି ରହିବାରୁ ଜାତୀୟ ରାଜପଥରେ ଯାନବାହନର ଲମ୍ବା ଧାଡ଼ି ଲାଗିଥିଲା । ଏଥିଯୋଗୁଁ ଯାତ୍ରୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ବିଶେଷକରି ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ଯାତାୟାତ ଠପ୍ ହୋଇଯାଇଥିଲା । ଖବର ଲେଖା ହେବା ସୁଦ୍ଧା ରାସ୍ତାରୋକ ଜାରି ରହିଥିବାବେଳେ ଦୀର୍ଘଦିନର ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ପ୍ରଶାସନର ତ୍ୱରିତ ହସ୍ତକ୍ଷେପ ଦାବି କରିଛନ୍ତି ।

ଇଫକୋରେ 'ସତର୍କତା ସଚେତନତା ଅଭିଯାନ-୨୦୨୬' ପାଳିତ

ପାରାଦୀପ,୨୯/୧୦(ନି/ପ୍ର): ଇଫକୋର ପାରାଦୀପ ୟୁନିଟ୍‌ରେ ୨୭ ଏବଂ ୨୮ ଅକ୍ଟୋବର ୨୦୨୬ ରେ 'ସମୃଦ୍ଧି ପାଇଁ ସଚ୍ଚୋଟତା' ବିଷୟବସ୍ତୁ ଉପରେ ଆଧାରିତ 'ସତର୍କତା ସଚେତନତା ଅଭିଯାନ-୨୦୨୬' ପାଳନ କରାଯାଇଛି । ଏହି ଅବସରରେ ସଂସ୍ଥା ନିଜର ସଚ୍ଚୋଟତା, ସ୍ୱଚ୍ଛତା ଏବଂ ନୈତିକ ଆଚରଣ ପ୍ରତି ଥିବା ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରିଛି । 'ସମୃଦ୍ଧି ପାଇଁ ସଚ୍ଚୋଟତା' ବିଷୟବସ୍ତୁ ଉପରେ ଆଧାରିତ ଏହି ଅଭିଯାନ, ସ୍ଥାୟୀ ବିକାଶ ପାଇଁ ସଚ୍ଚୋଟତା, ସ୍ୱଚ୍ଛତା ଏବଂ ଉତରଦାୟିତ୍ୱଯେ ଅତ୍ୟାବଶ୍ୟକ ମୂଳଦୁଆ, ତାହାକୁ ସୁଦୃଢ଼ କରିଛି । 'ସଚ୍ଚୋଟତା ଶପଥ' ସଚେତନତା କାର୍ଯ୍ୟକ୍ରମ, ବିଭିନ୍ନ ପ୍ରତିଯୋଗିତା ଏବଂ କର୍ମଚାରୀ ତଥା ସେମାନଙ୍କ ପରିବାରବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ମାଧ୍ୟମରେ, ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନୈତିକ ଆଚରଣ ବଜାୟ ରଖିବାକୁ ଏବଂ ଦୁର୍ନୀତି ବିରୋଧରେ ସତର୍କ ରହିବାକୁ ଉତ୍ସାହିତ କରିଛି । ଏକ ଦୁର୍ନୀତିମୁକ୍ତ ସଂସ୍ଥା ଗଠନ ପାଇଁ ଇଫକୋର ପ୍ରତିବଦ୍ଧତା, ଏହାର ପ୍ରତ୍ୟେକ ସ୍ତରରେ ସୁଶାସନ, ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟଶୈଳୀ ଏବଂ ସତର୍କତାକୁ ପ୍ରୋତ୍ସାହିତ କରିବା ପାଇଁ ନିଆଯାଇଥିବା ସାମୂହିକ ସଂକଳ୍ପରେ ସ୍ପଷ୍ଟ ଭାବେ ପ୍ରତିଫଳିତ ହୋଇଛି । ସଚ୍ଚୋଟତାକୁ ସଂସ୍ଥାର ଏକ ମିଳିତ ମୂଲ୍ୟବୋଧ ଭାବରେ ଗ୍ରହଣ କରି, ଇଫକୋ ପାରାଦୀପ ୟୁନିଟ୍ ପୁନର୍ବାର ସ୍ପଷ୍ଟ କରିଛି ଯେ ସଚ୍ଚୋଟତା କେବଳ ଏକ ନୀତି ନୁହେଁ, ବରଂ ଏହା ବିଶ୍ୱାସ, ସମୃଦ୍ଧି ଏବଂ ଦୀର୍ଘକାଳୀନ ସାଂସ୍ଥାନିକ ଉତ୍କର୍ଷ ଆଡ଼କୁ ନେଉଥିବା ଏକ ମାର୍ଗ ଅଟେ । ଏହି କାର୍ଯ୍ୟକ୍ରମ ୨୭ ଅକ୍ଟୋବରରେ ଇଫକୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେ. ଜେ. ପଟେଲଙ୍କ ଦ୍ୱାରା 'ସଚ୍ଚୋଟତା ଶପଥ' ପାଠ କରାଇବା ସହ ଆରମ୍ଭ ହୋଇଥିଲା । ଶପଥ ଗ୍ରହଣ ପରେ, ଇଫକୋର ଅଧ୍ୟକ୍ଷ ଶ୍ରୀ ଦିଲୀପ ସଂଘାନି, ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେ. ଜେ. ପଟେଲ ଏବଂ ମୁଖ୍ୟ ସତର୍କତା ଅଧିକାରୀ ଶ୍ରୀ ବିକାଶ ଗୋୟଲ ଉପସ୍ଥିତ କର୍ମଚାରୀ ଓ ଅଂଶଗ୍ରହଣକାରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ଏବଂ 'ସତର୍କତା ସହ ଏହି କାର୍ଯ୍ୟକ୍ରମଗୁଡ଼ିକରେ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଏବଂ ଏହା ନୈତିକ ମୂଲ୍ୟବୋଧ ବିଷୟରେ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା । ପାରାଦୀପ ସ୍ଥିତ ଇଫକୋ (ଓରରଉଙ) ସଂସ୍କୃତି ଭବନରେ ଅକ୍ଟୋବର ୨୮ ତାରିଖରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପୋଲିସ ମହାନିରୀକ୍ଷକ (ଓଏଚ) ଡ. ସତ୍ୟଜିତ ନାଏକ, ଆଇପିଏସ୍ (ଓଚଝ) ମୁଖ୍ୟ ଅତିଥି ଭାବରେ ଏବଂ ଜଗତସିଂହପୁରର ପୋଲିସ ଅଧୀକ୍ଷକ (ଝଚ) ଶ୍ରୀ ଅଙ୍କିତ କୁମାର ବର୍ମା, ଆଇପିଏସ୍ (ଓଚଝ) ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ସେମାନଙ୍କ ବକ୍ତବ୍ୟରେ କର୍ମକ୍ଷେତ୍ର ତଥା ସାମାଜିକ ଜୀବନରେ ବିଶ୍ୱସନୀୟତା, ନିରପେକ୍ଷତା ଏବଂ ନୈତିକ ଦାୟିତ୍ୱବୋଧର ସଂସ୍କୃତି ଗଢ଼ି ତୋଳିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଇଫକୋ ପାରାଦୀପ ୟୁନିଟ୍ ମୁଖ୍ୟ ଶ୍ରୀ ଅନିରୁଦ୍ଧ ବିକ୍ରମ ସିଂହଙ୍କ ମୂଲ୍ୟବାନ ମାର୍ଗଦର୍ଶନ, ଅନୁମୋଦନ ଏବଂ ଆନ୍ତରିକ ସହଯୋଗ ଯୋଗୁଁ ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରାଯାଇପାରିଲା । ଏହି ଅବସରରେ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ, ଯାହା କର୍ମଚାରୀଙ୍କ ମଧ୍ୟରେ ସତର୍କତା, ସ୍ୱଚ୍ଛତା ଏବଂ ସଚ୍ଚୋଟତାକୁ ପ୍ରୋତ୍ସାହିତ କରିବା ପ୍ରତି ସେମାନଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଥିଲା । ସତର୍କତା ଅଧିକାରୀ ଶ୍ରୀ ରାକେଶ ପାଣ୍ଡେ ଏହି ସଚେତନତା କାର୍ଯ୍ୟକ୍ରମଗୁଡ଼ିକର ସମନ୍ୱୟ ସାଧନ କରିଥିଲେ ଏବଂ ଉଦ୍‌ଯାପନୀ ଉତ୍ସବରେ କାର୍ଯ୍ୟକ୍ରମର ଏକ ସାରାଂଶ ଉପସ୍ଥାପନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ସେମାନଙ୍କ ଅଂଶଗ୍ରହଣ ଏବଂ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଇଫକୋ ପାରାଦୀପ ୟୁନିଟର ଜନସମ୍ପର୍କ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ବେଉରାଙ୍କୁ ବିଶେଷ ଧନ୍ୟବାଦ ଜ୍ଞାପନ କରାଯାଇଛି, ଯିଏ ଅତିଥିମାନଙ୍କ ସହ ଯୋଗାଯୋଗ ରକ୍ଷା କରିବା ଏବଂ ଉଦ୍‌ଯାପନୀ ଉତ୍ସବରେ ସେମାନଙ୍କ ଅଂଶଗ୍ରହଣକୁ ସୁନିଶ୍ଚିତ କରିବାରେ ମୂଲ୍ୟବାନ ସହଯୋଗ ପ୍ରଦାନ କରିଥିଲେ ।

ସହରାଂଚଳରେ ପ୍ରାକୃତିକ ଜଳ ନିଷ୍କାସନ ପଥ ଓ ଜଳାଶୟ ସୁରକ୍ଷା ନେଇ ବୈଠକ

ଭୁବନେଶ୍ୱର,୨୯/୧୦(ନି/ପ୍ର): ସହରାଂଚଳରେ ଜଳବନ୍ଦୀ ଓ ବନ୍ୟା ସମସ୍ୟା ହ୍ରାସ କରିବା ସହ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥା ଓ ଜଳାଶୟଗୁଡ଼ିକର ସୁରକ୍ଷା ପାଇଁ ଏକ ରାଜ୍ୟବ୍ୟାପୀ ଢାଂଚା ପ୍ରସ୍ତୁତ କରିବାକୁ ପ୍ରସ୍ତାବ ରଖିଛି ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ । ଏହି ପ୍ରସ୍ତାବରେ ପ୍ରାକୃତିକ ଜଳ ନିଷ୍କାସନ ପଥ, ଜଳାଶୟ, ଆର୍ଦ୍ରଭୂମି ଓ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ଚିହ୍ନଟ, ସୁରକ୍ଷା, ପୁନରୁଦ୍ଧାର ଓ ନିୟମିତ ନିରୀକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି । ଏ ସଂକ୍ରାନ୍ତୀୟ ପ୍ରସ୍ତାବିତ ମାନକ କାର୍ଯ୍ୟପଦ୍ଧତି (ଏସ୍‌ଓପି) ଉପରେ ଆଲୋଚନା ପାଇଁ ଆଜି ଭୁବନେଶ୍ୱରସ୍ଥିତ ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଶ୍ରୀମତୀ ପାଢ଼ୀ ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା ଅଂଚଳରେ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷା ପାଇଁ ଏକ ସମନ୍ୱିତ ଓ ବୈଜ୍ଞାନିକ ଆଭିମୁଖ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଜଳ ନିଷ୍କାସନ ପଥ, ପୋଖରୀ, ଆର୍ଦ୍ରଭୂମି ଓ ଅନ୍ୟାନ୍ୟ ବନ୍ୟାଜଳ ସଂରକ୍ଷଣ କ୍ଷେତ୍ରଗୁଡ଼ିକର ବ୍ୟବସ୍ଥିତ ଚିହ୍ନଟ ଓ ମାନଚିତ୍ର ପ୍ରସ୍ତୁତି ନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ । ବିଶେଷକରି ଜଳବନ୍ଦୀ ଓ ବନ୍ୟାପ୍ରବଣ ଅଂଚଳଗୁଡ଼ିକୁ ପ୍ରାଥମିକତା ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ପ୍ରାକୃତିକ ଜଳ ନିଷ୍କାସନ ପଥଗୁଡ଼ିକୁ ଜବରଦଖଲ, ଅନଧିକୃତ ପୋତିବା, ଅବରୋଧ ଓ ଜଳ ପ୍ରବାହର ଦିଗ ପରିବର୍ତ୍ତନ ଭଳି କାର୍ଯ୍ୟରୁ ସୁରକ୍ଷିତ ରଖିବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଥିଲେ । ସହର ଯୋଜନା ଓ ଭିତିଭୂମି ବିକାଶ ସମୟରେ ପ୍ରାକୃତିକ ଜଳ ନିଷ୍କାସନ ବ୍ୟବସ୍ଥାର ସୁରକ୍ଷାକୁ ଗୁରୁତ୍ୱ ଦେବା ସହ ବିଭିନ୍ନ ବିଭାଗ ଓ ସହରାଂଚଳ ସ୍ଥାନୀୟ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ସେ ଜୋର୍ ଦେଇଥିଲେ । ପ୍ରସ୍ତାବିତ ଏସ୍‌ଓପିର ମୁଖ୍ୟ ନୀତି ହେଉଛି "ପ୍ରାକୃତିକ ଜଳ ନିଷ୍କାସନ ଓ ବନ୍ୟାଜଳ ସଂରକ୍ଷଣ କ୍ଷମତାରେ କୌଣସି ନିଟ୍ କ୍ଷତି ନହେବା" । ଏହାର ଉଦ୍ଦେଶ୍ୟ ହେଉଛି, ବିକାଶମୂଳକ କାର୍ଯ୍ୟ ଯୋଗୁଁ ଜଳ ନିଷ୍କାସନ ପଥର ସଂଯୋଗ ବ୍ୟବସ୍ଥା ବାଧାପ୍ରାପ୍ତ ନହେବା କିମ୍ବା ଅତିରିକ୍ତ ବର୍ଷାଜଳ ଧାରଣ କରୁଥିବା ଅଂଚଳଗୁଡ଼ିକର ସଂରକ୍ଷଣ କ୍ଷମତା ହ୍ରାସ ନପାଇବା ସୁନିଶ୍ଚିତ କରିବା । ଏହି ଢାଂଚା ଅନୁଯାୟୀ, ରାଜ୍ୟର ସମସ୍ତ ସହରାଂଚଳରେ ଗୁରୁତ୍ୱପୂର୍ଣ୍ଣ ଜଳ ନିଷ୍କାସନ ନେଟୱର୍କ ଓ ଜଳାଶୟଗୁଡ଼ିକର ସର୍ଭେ, ଭୌଗୋଳିକ ଅବସ୍ଥିତି ନିର୍ଦ୍ଧାରଣ ଏବଂ ଭୌଗୋଳିକ ସୂଚନା ବ୍ୟବସ୍ଥା (ଜିଆଇଏସ୍) ଆଧାରିତ ମାନଚିତ୍ର ପ୍ରସ୍ତୁତି କରାଯିବା ପ୍ରସ୍ତାବ ରହିଛି । ଏହି ତଥ୍ୟଗୁଡ଼ିକୁ ସହରାଂଚଳ ବିକାଶ ଯୋଜନା, ଜମି ବ୍ୟବହାର ଯୋଜନା ଏବଂ ସମନ୍ୱିତ ବର୍ଷାଜଳ ନିଷ୍କାସନ ମାଷ୍ଟର ପ୍ଲାନ୍ ରେ ସାମିଲ କରାଯିବ । ଏହାଦ୍ୱାରା ଯୋଜନା ପ୍ରସ୍ତୁତି, ନିର୍ମାଣ ଅନୁମତି ପ୍ରକ୍ରିୟା ଓ ବନ୍ୟା ପରିଚାଳନା ଅଧିକ ସୁଦୃଢ଼ ହୋଇପାରିବ । ପ୍ରସ୍ତାବରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ କମିଟି ଏବଂ ସ୍ୱତନ୍ତ୍ର କାର୍ଯ୍ୟାନ୍ୱୟନ ଟାସ୍କଫୋର୍ସ ଗଠନର ବ୍ୟବସ୍ଥା ମଧ୍ୟ ରହିଛି ।

ରାଉରକେଲାର ଟାଉନ୍ ଅଫିସିଆଲ୍ ଲାଙ୍ଗୁଏଜ୍ ଇମ୍ପ୍ଲିମେଣ୍ଟେସନ୍ କମିଟି (ଟୋଲିକ) ବୈଠକ

ରାଉରକେଲା,୨୯/୧୦(ନି/ପ୍ର):୨୮ ଅକ୍ଟୋବର ୨୦୨୬ ରିଖରେ ରାଉରକେଲା କ୍ଲବ୍‌ଠାରେ ରାଉରକେଲାର ଟାଉନ୍ ଅଫିସିଆଲ୍ ଲାଙ୍ଗୁଏଜ୍ ଇମ୍ପ୍ଲିମେଣ୍ଟେସନ୍ କମିଟିର ଅର୍ଦ୍ଧ-ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅଚଂଳରେ ଅବସ୍ଥିତ କେନ୍ଦ୍ର ସରକାରୀ କାର୍ଯ୍ୟାଳୟ, ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ , ବ୍ୟାଙ୍କ, ବୀମା କମ୍ପାନୀ, ଶିକ୍ଷାନୁଷ୍ଠାନ ଏବଂ କେନ୍ଦ୍ର ସରକାରୀ ଡାକ୍ତରଖାନା ଆଦିର ପ୍ରତିନିଧିମାନେ ଏହି ବୈଠକରେ ଯୋଗ ଦେଇଥିଲେ । ସେଲ୍ ଅନ୍ତର୍ଗତ ରାଉରକେଲା ଷ୍ଟିଲ୍ ପ୍ଲାଂଟ (ଆର.ଏସ.ପି) ର ମୁଖ୍ୟ ମହାପ୍ରବନ୍ଧକ (ଏଚ.ଆର) ତଥା ନିର୍ବାହୀ ନିର୍ଦ୍ଦେଶକ (ଏଚ.ଆର)ଙ୍କ ଅତିରିକ୍ତ ଦାୟିତ୍ୱରେ ଥିବା ଶ୍ରୀ ମାନସ ରଞ୍ଜନ ରଥ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମଚଂ ଉପରେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ (ରାଜଭାଷା ବିଭାଗ, କୋଲକାତା) ର ଉପ-ନିର୍ଦ୍ଦେଶକ ଡକ୍ଟର ବିଚିତ୍ରସେନ ଗୁପ୍ତା ଏବଂ ଆର.ଏସ୍.ପିର ମହାପ୍ରବନ୍ଧକ (ପି.ଆର) ତଥା ସଂଚାର ମୁଖ୍ୟ ଏବଂ ଟି.ଓ.ଏଲ.ଆଇ.ସି ର ସଦସ୍ୟ ସଚିବ ଶ୍ରୀମତୀ ଅର୍ଚ୍ଚନା ଶତପଥୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବି.ଏସ୍.ଏନ୍.ଏଲ୍‌ର ମହାପ୍ରବନ୍ଧକ ଶ୍ରୀ କେ. ଏନ୍. ରାୟ, ସେଣ୍ଟ୍ରାଂଲ୍ ଏକ୍ସାଇଜ୍‌ର ସହକାରୀ ନିର୍ଦ୍ଦେଶକ ଶ୍ରୀ କେ. କେ. ସିଂହ, ସିଆଇଏସ୍‌ଏଫ୍‌ର ସହକାରୀ କମାଣ୍ଡାଟଂ ଶ୍ରୀ ଦୟାଲ ରାମ, ହେଡ୍ ପୋଷ୍ଟ ଅଫିସ୍‌ର ଅଧୀକ୍ଷକ ଶ୍ରୀ ଶ୍ୟାମ ସୁନ୍ଦର ମହାରଣାଙ୍କ ସମେତ ବିଭିନ୍ନ କେନ୍ଦ୍ର ସରକାରୀ ସଂସ୍ଥା ଓ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗର ୩୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ । ଅଂଶଗ୍ରହଣ କରିଥିବା ସଂସ୍ଥାଗୁଡ଼ିକ ମଧ୍ୟରେ ରାଉରକେଲା ଷ୍ଟିଲ୍ ପ୍ଲାଂଟ, ସିଆଇଏସ୍‌ଏଫ୍, ବିଏସ୍‌ଏନ୍‌ଏଲ୍, ଇଏସ୍ ?ଆଇସି ହସ୍ପିଟାଲ୍, କେନ୍ଦ୍ରୀୟ ବିଦ୍ୟାଳୟ (ରାଉରକେଲା), ଜବାହର ନବୋଦୟ ବିଦ୍ୟାଳୟ (ଦେବଗଡ଼), ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କେନ୍ଦ୍ରୀୟ ଜଳ ଆୟୋଗ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଡି..ଟି.ଏନ୍.ବି.ଡବ୍ଲ୍ୟୁ.ଇ.ଡି , ଏନ୍.ଆଇ.ଟି ରାଉରକେଲା, ପାୱାର ଗ୍ରୀଡ୍, ଇ.ପି.ଏଫ୍.ଓ , ଏଲ୍‌ଆଇସି, ମୁଖ୍ୟ ଡାକଘର, ସେଣ୍ଟ୍ରାଂଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ମେକନ୍ ଏବଂ କାନାରା ବ୍ୟାଙ୍କ ଆଦି ଅନ୍ତର୍ଭୁକ୍ତ ଥିଲେ । ନିଜ ଅଭିଭାଷଣରେ ଶ୍ରୀ ରଥ କହିଲେ, "ହିନ୍ଦୀ ଭାଷାକୁ 'ରାଜଭାଷା' ଭାବରେ ଚୟନ କରାଯାଇଛି, କାରଣ ଏହା ସମସ୍ତ ଭାଷା ଏବଂ ଲୋକଙ୍କୁ ଏକତ୍ରିତ କରିଥାଏ, ଯାହା 'ବିକଶିତ ଭାରତ'ର ସ୍ୱପ୍ନ ସାକାର କରିବା ପାଇଁ ଅତ୍ୟନ୍ତ ଆବଶ୍ୟକ । କେବଳ ପ୍ରତିଯୋଗିତା କିମ୍ବା ଉତ୍ସବ ଆୟୋଜନ କରିବା ମଧ୍ୟରେ ସୀମିତ ନ ରହି, ସଂସ୍ଥାର ମୁଖ୍ୟ କାର୍ଯ୍ୟକଳାପରେ ମଧ୍ୟ ହିନ୍ଦୀର ବ୍ୟବହାରକୁ ଗ୍ରହଣ କରିବା ଆବଶ୍ୟକ ।" ସେ 'ଟୋଲିକ୍' ଅନ୍ତର୍ଭୁକ୍ତ ସଦସ୍ୟ ସଂସ୍ଥାଗୁଡ଼ିକୁ ନିୟମିତ ଭାବରେ ବୈଠକରେ ଯୋଗ ଦେବାକୁ ଏବଂ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ପାଳନ କରିବାକୁ ପରାମର୍ଶ ଦେଲେ । ଏହି ଅବସରରେ ଡ. ଗୁପ୍ତା, ସରକାରୀ ଭାଷା ଭାବରେ ହିନ୍ଦୀର ବ୍ୟବହାର ସମ୍ବନ୍ଧୀୟ ବିଭିନ୍ନ ଆଇନଗତ ବ୍ୟବସ୍ଥା ଉପରେ ଆଲୋଚନା କଲେ । ସେ ସଦସ୍ୟମାନଙ୍କୁ ହିନ୍ଦୀରେ କାର୍ଯ୍ୟର ପରିମାଣ ବୃଦ୍ଧି କରିବାକୁ ଏବଂ ନିର୍ଦ୍ଦେଶାବଳୀ ଅନୁଯାୟୀ ଫାଇଲ୍ ?ରେ ମତାମତ ଲିଖନ ତଥା ସମୟାନୁବର୍ତ୍ତୀ ରିପୋର୍ଟିଂ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଆହ୍ୱାନ ଦେଲେ । ଏହା ସହିତ, ସେ ଭାରତ ସରକାରଙ୍କ ଦ୍ୱାରା ବିକଶିତ ବିଭିନ୍ନ ସଫ୍ଟୱେର୍ ଉପକରଣ ବିଷୟରେ ମଧ୍ୟ ଅବଗତ କରାଇଲେ, ଯାହା ବୃତ୍ତିଗତ ତଥା ବ୍ୟକ୍ତିଗତ ଜୀବନରେ ହିନ୍ଦୀର ବ୍ୟବହାରକୁ ପ୍ରୋତ୍ସାହିତ ଏବଂ ସୁବ୍ୟବସ୍ଥିତ କରିବାରେ ସହାୟକ ହେବ ।